بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ଖଣ୍ଡ: ୪

ସଂଖ୍ୟା: 34

ବାର୍ଷିକ ଦେୟ : ୬୦୦/-

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

www.badrqadian.in

06 ସିଫର୍ 1445 ହି.କ, 24 ଜହୁର୍ 1402 ହି.ଶ 24 Aug 2023 ମସିହା

## ଅଲ୍ଲାଃତାଲାଙ୍କ ବାଣୀ

وَلَوۡ تَرٰۤی اِذۡ وُقِفُوۡا عَلَی النَّارِ فَقَالُوۡا یٰلَیۡتَنَا نُرَدُّ وَلَا نُکَذِّبَ بِاٰیٰتِ رَبِّنَا وَنَکُوۡنَ مِنَ الۡمُؤۡمِنِیۡنَ

(ଅଲ୍ ଅନଆମ୍-28)

ଅନୁବାଦ : ଏବଂ ଯଦି ତୁମ୍ଭେ ସେମାନଙ୍କୁ ନରକ ସମ୍ମୁଖରେ ଦଣ୍ଡାୟମାନ ହେବାବେଳେ ଦେଖି ପାରନ୍ତ ସେତେବେଳେ ସେମାନେ କହିବେ, "ଆହା, ଆମାନଙ୍କୁ ବିଶ୍ୱାସ କରୁଥିବା ଅବସ୍ଥାରେ ପୁନଶ୍ଚ ଫେରାଇ ଦିଆଯାଆନ୍ତା କି ! ଏବଂ ଆମେମାନେ ଭବିଷ୍ୟତରେ ଆମମାନଙ୍କ ପାଳନ କର୍ତ୍ତାଙ୍କର ନିର୍ଦ୍ଦେଶନଗୁଡ଼ିକୁ କଦାପି ମିଥ୍ୟା ମନେ କରିବୁ ନାହିଁ" ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନଓ୍ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନଓ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନଓ୍ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

# ନବୀ ସ.ଅଙ୍କ ବାଣୀ

**ପବିତ୍ର କୁରଆନ୍ କରୀମ୍ 7ଟି ବିଶେଷ ଶୈଳୀକୁ ନେଇ ଅବତୀର୍ଣ୍ଣ ହୋଇଅଛି । ତେଣୁ ତୁମେମାନେ ସେହି 7ଟି ଶୈଳୀ ମଧ୍ୟରୁ ଯେକୌଣସି ଶୈଳୀକୁ ଯଦି ପସନ୍ଦ କରୁଛ ତେବେ ସେହି ଶୈଳୀ ଅନୁଯାୟୀ ପବିତ୍ର କୁରଆନ୍ କରୀମ ପାଠ କର ।**

(2419) ହ. ଉମର୍ ଇବ୍‌ନେ ଖତ୍ତାବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଯେଉଁ ଶୈଳୀ ଅନୁଯାୟୀ ସୁରାହ୍ ଫୁର୍କାନ୍ ପାଠ କରୁଥିଲି ହ. ହିଶ୍ଶାମ୍ ବିନ୍ ହକିମ୍ ର.ଅ କିନ୍ତୁ ସେହି ସୁରାଃକୁ ଅନ୍ୟ ଏକ ଶୈଳୀରେ ପାଠ କରୁଥିଲେ ଏବଂ ମୋତେ ଏହି ସୁରାଃଟି ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅ ପାଠ କରାଇଥିଲେ । ଏହା ଖୁବ୍ ନିକଟବର୍ତ୍ତୀ ଥିଲା କି ମୁଁ ହକିମଙ୍କ ଉପରେ ଝାମ୍ପି ପଡ଼ିଥାନ୍ତି । କିନ୍ତୁ ମୁଁ ତାଙ୍କୁ ସେତିକି ସମୟ ଦେଲି ଯେ, ସେ ନିଜର ନମାଜ ପାଠ କରିନେଲେ । ଏହାପରେ ମୁଁ ତାଙ୍କ ଚଦର ଧରି ତାଙ୍କ ଛାତିକୁ ଭିଡ଼ି ଆଣିଲି ଓ ରସୁଲୁଲ୍ଲାଃ ସ.ଙ୍କ ନିକଟକୁ ନେଇଗଲି । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଯେଉଁଭଳି (ଶୈଳୀ ଅନୁଯାୟୀ) ସୁରାଃ ଫୁର୍କାନ ପାଠ କରାଇଥିଲେ ଏହାର ବିପରୀତ ମୁଁ ହିଶ୍ଶାମଙ୍କୁ ଅନ୍ୟ ଏକ ଶୈଳୀରେ ସୁରାଃ ଫୁର୍କାନ ପାଠ କରୁଥିବାର ଶୁଣିଛି । ଆପଣ ସ.ଅ କହିଲେ, ହେ ଉମର୍ ! ତୁମେ ତାଙ୍କୁ ଛାଡ଼ିଦିଅ । ଆପଣ ସ.ଅ ପୁନଶ୍ଚ ତାଙ୍କୁ (ହିଶ୍ଶାମଙ୍କୁ) କହିଲେ, ହେ ହିଶ୍ଶାମ୍ ! ତୁମେ ସୁରାଃ ଫୁର୍କାନ୍ ପାଠ କର । ସୁତରାଂ ହ. ହିଶ୍ଶାମ୍ ପଢିଲେ । ଆପଣ ସ.ଅ କହିଲେ ଉକ୍ତ ସୁରାଃଟି ଏହିପରି ଅବତୀର୍ଣ୍ଣ ହୋଇଛି । ଆପଣ ସ.ଅ ପୁନଶ୍ଚ କହିଲେ, ପବିତ୍ର କୁରଆନ୍ କରୀମ୍ 7ଟି ବିଶେଷ ଶୈଳୀକୁ ନେଇ ଅବତୀର୍ଣ୍ଣ ହୋଇଅଛି । ତେଣୁ ତୁମେମାନେ ସେହି 7ଟି ଶୈଳୀ ମଧ୍ୟରୁ ଯେକୌଣସି ଶୈଳୀକୁ ଯଦି ପସନ୍ଦ କରୁଛ ତେବେ ସେହି ଶୈଳୀ ଅନୁଯାୟୀ ପବିତ୍ର କୁରଆନ୍ କରୀମ ପାଠ କର ।

**(ସହିଉଲ୍ ବୁଖାରୀ, ଖଣ୍ଡ-4, କିତବାଲୁ ଇସ୍ତିକ୍ରାଜ୍, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

## ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ନିତୀବାଣୀ:-

**ମନେରଖ ଯେ, ଯେପର୍ଯ୍ୟନ୍ତ ବୈକୁଣ୍ଠୀୟ ଜୀବନ ଏହି ଜୀବନରେ ପ୍ରାରମ୍ଭ ହୋଇ ନଯାଇଛି, ଏହି ମର୍ତ୍ତ୍ୟମଣ୍ଡଳରେ ତାହାର ଆନନ୍ଦ ତୁମେମାନେ ସେପର୍ଯ୍ୟନ୍ତ ନେଇପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ତୃପ୍ତ ହୋଇଯାଇ ନାହିଁ ଓ ଯେପର୍ଯ୍ୟନ୍ତ ତୁମେମାନେ ସନ୍ତୁଷ୍ଟ ହୋଇଯାଇଅ ନାହଁ । କାରଣ ସେହି ବ୍ୟକ୍ତି ଯିଏ ଇହଧାମରେ କିଛି ପୁଣ୍ୟ ଅର୍ଜନ କରେ ନାହିଁ ଓ ପରବର୍ତ୍ତୀ ସଂସାରରେ ବୈକୁଣ୍ଠ ପ୍ରାପ୍ତିର ଆଶା ରଖେ ତେବେ ସେହି ବ୍ୟକ୍ତି ଭ୍ରମାତ୍ମକ ଜନିତ ଅପରିପକ୍ୱ ଅଭିଳାଷା କରିଥାଏ ।**

ଉପାସନା କେହିଲେ ପ୍ରକୃତରେ ତାହାକୁ ହିଁ ବୁଝାଏ ଯେ, ମନୁଷ୍ୟ ପ୍ରତ୍ୟେକ ପ୍ରକାରର କଠୋରତା, କୁଟୀଳତାରୁ ଦୂରେଇ ରହି ହୃଦୟ ରୂପକ ଭୂମିକୁ ଏପରି ପରିଷ୍କାର , ପରିଚ୍ଛନ୍ନ କରିଦେଉ ଯେପରି ଜମିଦାର ନିଜ ଜମିକୁ ପରିଷ୍କାର କରିଥାଏ ........ଠିକ୍ ସେହିପରି ଯେତେବେଳେ ହୃଦୟ ରୂପକ କୌଣସି ଭୂମିରେ କୌଣସି ଟେକା ପଥର, ଖାଲ ଢିପ ନରୁହେ ଓ ତାହା ଏପରି ପରିଷ୍କାର ଓ ପରିଚ୍ଛନ୍ନ ଥାଉ ଯେପରିକି ଖାଲି ଆତ୍ମା ଓ ଆତ୍ମା ହିଁ ହୋଇଥିବ । ଏହାକୁ ଅନ୍ୟ ଶବ୍ଦରେ ଉପାସନା ବୋଲି କୁହାଯାଏ । ସୁତରାଂ ଆଇନାକୁ ଯଦି ଠିକ୍ ଭାବରେ ପରିଷ୍କାର ରଖାଯାଏ ତେବେ ତହିଁରେ ନିଜର ମୁଖ ମଣ୍ଡଳ ସ୍ପଷ୍ଟ ଦୃଶ୍ୟମାନ ହୋଇଥାଏ । ଠିକ୍ ସେହିପରି ଜମିକୁ ଯଦି ଭଲ ଭାବରେ ପରିଷ୍କାର ଓ ପରିଚ୍ଛନ୍ନ କରାଯାଏ ତେବେ ତହିଁରୁ ନାନା ପ୍ରକାରର ଫଳମୂଳ ଉତ୍ପନ୍ନ ହୋଇଯାଇଥାଏ । ସୁତରାଂ ମନୁଷ୍ୟ ଯେକି ଉପାସନା ସକାଶେ ସୃଷ୍ଟ, ସେ ଯଦି ନିଜର ହୃଦୟକୁ ପରିଷ୍କାର ବା ନିର୍ମଳ କରିନିଏ ଓ ତହିଁରେ (ହୃଦୟରେ) କୌଣସି ପ୍ରକାରର କୁଟୀଳତା ଓ ଖାଲଢିପ, ଟେକା ପଥରକୁ ଯଦି ପ୍ରଶୟ ନଦିଏ ତେବେ ତହିଁରେ (ସେହି ହୃଦୟରେ) ସାକ୍ଷାତ୍ ଭଗବାନ ଦୃଶ୍ୟମାନ ହେବେ ।

### (ସ୍ୱର୍ଗ ଓ ନର୍କ)

ପ୍ରକୃତ କଥା ଏହିକିଯେ, ବୈକୁଣ୍ଠମୟ ଜୀବନ ଏହି ଜୀବନରୁ ହିଁ ପ୍ରାରମ୍ଭ ହୋଇଯାଏ ଏବଂ ଅନ୍ଧ ବ୍ୟକ୍ତି ଯେକି ପ୍ରଭୁ ତଥା ତାହାଙ୍କ ବାର୍ତ୍ତାବହଙ୍କ ଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ ହୋଇ ଜୀବନ ଯାପନ କରେ ତେବେ ସେହି ବ୍ୟକ୍ତି ନର୍କ ଭଳି ଜୀବନ ଯାପନ କରିଥାଏ । ତାହା ନର୍କର ଉଦାହରଣ ସଦୃଶ । ବୈକୁଣ୍ଠ ଯାହାକି ମୃତ୍ୟୁ ପରେ ମନୁଷ୍ୟକୁ ପ୍ରାପ୍ତ ହୋଇଥାଏ । ତାହା ଏହି (ସାଂସାରିକ) ସ୍ୱର୍ଗର ପ୍ରକୃତ ଅବସ୍ଥା ଅଟେ । ସେଇଥି ପାଇଁ ତ' ବୈକୁଣ୍ଠଗାମୀ ବ୍ୟକ୍ତିମାନେ ସ୍ୱର୍ଗର ସମସ୍ତ ବରଦାନରୁ ଉପକୃତ ହେବା ସମୟରେ କହିବେ هٰذَا الَّذِیۡ رُزِقۡنَا مِنۡ قَبۡلُ **(ଅଲ୍ ବକ୍ରାହ୍:26)** ମନୁଷ୍ୟକୁ ମର୍ତ୍ତ୍ୟମଣ୍ଡଳରେ ଯେଉଁ ବୈକୁଣ୍ଠ ପ୍ରାପ୍ତ ହୁଏ ତାହା قَدۡ اَفۡلَحَ مَنۡ زَکّٰىهَا **(ଅଶ୍ ଶମଶ୍:10)** ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ହିଁ ପ୍ରାପ୍ତ ହୋଇଥାଏ । ମନୁଷ୍ୟ ଯେତେବେଳେ ଉପାସନାର ପ୍ରକୃତ ଅର୍ଥ ଓ ମର୍ମକୁ ପ୍ରାପ୍ତ କରିନିଏ (ବୁଝିନିଏ) ସେତେବେଳେ ସେ ପ୍ରଭୁଙ୍କ ବରଦାନ ଓ ପୁରସ୍କାରର ଅଧିକାରୀ ହୋଇଥାଏ ଏବଂ ଯେଉଁ ବରଦାନ ତଥା ପୁରସ୍କାର ସେ ଭବିଷ୍ୟତରେ ମୃତ୍ୟୁ ପରେ ପ୍ରକାଶ୍ୟ ରୂପେ, ଅବଲୋକନ ସ୍ୱରୂପ ଓ ଅନୁଭୂତ ସ୍ୱରୂପ ତା'କୁ ପ୍ରାପ୍ତ ହେବ ତାହା ବର୍ତ୍ତମାନ ଆଧ୍ୟାତ୍ମିକ ରୂପେ ଉକ୍ତ ଉପାସନାକାରୀକୁ ପ୍ରାପ୍ତ ହେବ । ଅତଏବ ତୁମେମାନେ ମନେରଖ ଯେ, ଯେପର୍ଯ୍ୟନ୍ତ ବୈକୁଣ୍ଠୀୟ ଜୀବନ ଏହି ଜୀବନରେ ପ୍ରାରମ୍ଭ ହୋଇ ନଯାଇଛି, ଏହି ମର୍ତ୍ତ୍ୟମଣ୍ଡଳରେ ତାହାର ଆନନ୍ଦ ତୁମେମାନେ ସେପର୍ଯ୍ୟନ୍ତ ନେଇପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ତୃପ୍ତ ହୋଇଯାଇ

ନାହିଁ ଓ ଯେପର୍ଯ୍ୟନ୍ତ ତୁମେମାନେ ସନ୍ତୁଷ୍ଟ ହୋଇଯାଇଅ ନାହିଁ । କାରଣ ସେହି ବ୍ୟକ୍ତି ଯିଏ ଇହଧାମରେ କିଛି ପୁଣ୍ୟ ଅର୍ଜନ କରେ ନାହିଁ ଓ ପରବର୍ତ୍ତୀ ସଂସାରରେ ବୈକୁଣ୍ଠ ପ୍ରାପ୍ତିର ଆଶା ରଖେ ତେବେ ସେହି ବ୍ୟକ୍ତି ଭ୍ରମାତ୍ମକ ଜନିତ ଅପରିପକ୍ୱ ଅଭିଳାଷା କରିଥାଏ ।

ପ୍ରକୃତରେ ଉକ୍ତ ବ୍ୟକ୍ତି ଜଣକ مَنْ كَانَ فِي هٰذِهٖٓ اَعْمٰى فَهُوَ فِي الْاٰخِرَةِ اَعْمٰى **(ସୁରାଃ ବନି ଇସ୍ରାଇଲ୍:73)**ର ଚରିତାର୍ଥ ଅଟେ । ସୁତରାଂ ଯେପର୍ଯ୍ୟନ୍ତ ହୃଦୟ ମଧ୍ୟସ୍ଥ ପଥୁରିଆ ଭୂମିରୁ ପଥର, କୁଟୀଳତା, କ୍ରୂରତାକୁ ଦୂର କରିଦେଇ ନାହିଁ ଓ ହୃଦୟକୁ କାଚ ପରି ପରିଷ୍କାର ଓ ନିର୍ମଳ କରିଦେଇ ନାହିଁ, ସୁର୍ମା (ଅଞ୍ଜନ) ପରି ତାହାକୁ ପତଳା କରନେଇ ନାହିଁ, ଧୈର୍ଯ୍ୟ ପ୍ରଦର୍ଶନ କରି ନାହିଁ ସେପର୍ଯ୍ୟନ୍ତ ତୁମେମାନେ ପ୍ରଭୁ ଓ ତାହାଙ୍କ ବୈକୁଣ୍ଠକୁ କଦାପି ଦର୍ଶନ କରିପାରିବ ନାହିଁ ।

**(ମଲ୍‌ଫୁଜାତ୍, ଭାଗ-1, ପୃ-472, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ- କାଦିଆନ୍)**

**ଅଲ୍ଲାଃତାଲାଙ୍କ ନିକଟରେ ପ୍ରାତଃ ସମୟର ନମାଜ ବିଶେଷ ରୂପେ ଉପସ୍ଥାପିତ ହୋଇଥାଏ ଓ ବିଶେଷ ରୂପେ ତାହା ସ୍ୱୀକୃତ ହୋଇଥାଏ । କାରଣ ମନୁଷ୍ୟ ସେତେବେଳେ ତା'ର ପ୍ରିୟ ନିଦ୍ରାକୁ ପରିତ୍ୟାଗ କରି (ଜାଗୃତ) ଉଠିଥାଏ ।**

**ନିଃସନ୍ଦେହ ରୂପେ ଯେଉଁ ବ୍ୟକ୍ତି ସକାଳ ସମୟର ନାମଜ ପାଠ କରେ ଓ ବ୍ୟକ୍ତି ଜଣକ ନମାଜ ବିଶ୍ୱସ୍ତତାର ସହିତ ପାଠ କରେ ତେବେ ଅନ୍ୟ ନମାଜ ମଧ୍ୟ ତା' ପାଇଁ ସହଜ ସାଧ୍ୟ ହୋଇଯିବ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା79 اَقِمِ الصَّلٰوةَ لِدُلُوْكِ الشَّمْسِ اِلٰى غَسَقِ الَّيْلِ وَقُرْاٰنَ الْفَجْرِ ۭ اِنَّ قُرْاٰنَ الْفَجْرِ كَانَ مَشْهُوْدًا ର ବ୍ୟଖ୍ୟା କରି କୁହନ୍ତି :

ଉପରୋକ୍ତ ଆୟତ୍‌ରେ ଭୟଙ୍କର ସମସ୍ୟାର ମୁକାବିଲା କରିବା ନିମନ୍ତେ ମୁସଲମାନମାନଙ୍କୁ ତତ୍ପର ରହିବା ନିମନ୍ତେ କୁହାଯାଇଛି । ଗୋଟିଏ ପଟରେ ପ୍ରବାସ ପରେ ସେହି ଜାତିମାନଙ୍କ ସହିତ ମୁକାବିଲା ହେବାକୁ ଥିଲା । ସେମାନେ ପ୍ରକାଶ୍ୟରେ ଉପାସନାକାରୀ ଲୋକମାନେ ଥିଲେ ଓ ମୁସଲମାନମାନଙ୍କର ଅବହେଳା ଓ ଅଳସୁଆମୀ ସେମାନଙ୍କୁ ଆପତ୍ତିକ କରିବାର ସୁଯୋଗ ଦେଇପାରିଥିଲା । ଅନ୍ୟ ପଟରେ ମୁସଲମାନମାନଙ୍କୁ ଶୀଘ୍ର ବିଜୟ ପ୍ରାପ୍ତ ହେବାକୁ ଯାଉଥିଲା ଯହିଁରୁ ଉପାସନାରେ ଅବହେଳା ଓ ଅଳସୁଆମୀ ସୃଷ୍ଟି ହୋଇଯାଇଥାଏ । ସୁତରାଂ ଉଭୟ ପ୍ରସଙ୍ଗକୁ ଧ୍ୟନରେ ରଖି ମୁସଲମାନମାନଙ୍କୁ ସତର୍କ କଲେ ଯେ, ଇସଲାମ୍ ଧର୍ମକୁ ବ୍ୟଙ୍ଗ ବିଦ୍ରୂପର ଶରବ୍ୟ ହେବାକୁ ସୁଯୋଗ ପ୍ରଦାନ କରିବ ନାହିଁ ଓ ନା ହିଁ ଅଳସୁଆଙ୍କ ପରି ଅଳସୁଆ ହୋଇ ପ୍ରଭୁଙ୍କ କୃପାକୁ ହରାଇବ ନାହିଁ ।

ଉପରୋକ୍ତ ଆୟତ ମୁସଲମାନମାନଙ୍କୁ ରେ ପାଞ୍ଚବେଳା ନମାଜର ସମୟ ସଂକ୍ରାନ୍ତରେ କୁହାଯାଇଛି । دُلُوْك ର ତିନୋଟି ଅର୍ଥ ରହିଛି ଓ ପ୍ରତ୍ୟେକ ଅର୍ଥାନୁଯାୟୀ ଗୋଟିଏ ଗୋଟିଏ ନମାଜର ସମୟ ସଂପର୍କରେ ପ୍ରକାଶ କରି ଦିଆଯାଇଛି । (1)مَالَتْ وَزَالَتْ عَنْ كَبِدِ السَّمَآءِ ଅର୍ଥାତ ମଧ୍ୟାହ୍ନ ସମୟରେ ଯେତେବେଳେ ସୂର୍ଯ୍ୟ ଉପର ମୁଣ୍ଡରୁ ହ୍ରାସ ପାଏ ସେହି ସମୟକୁ ଦୁଲୁକ୍ ବୋଲି କୁହନ୍ତି, ସେହି ସମୟରେ ଜୁହର୍ ନମାଜ ପାଠ କରାଯଇଥାଏ (2)اِصْفَرَّتْ ଯେତେବେଳେ ସୂର୍ଯ୍ୟ ହଳଦିଆ ରଙ୍ଗର ପଡ଼ିଯାଏ ସେତେବେଳେ ସେହି ସମୟକୁ ମଧ୍ୟ ଦୁଲୁକ୍ ବୋଲି କୁହନ୍ତି, ସୁତରାଂ ଏହି ସମୟରେ ନମାଜ୍ ଅସର୍ ପାଠ କରାଯାଇଥାଏ । (3) ଦୁଲୁକର ତୃତୀୟ ଅର୍ଥ ହେଲା غَرَبَتْ ଅର୍ଥାତ୍ ସୂର୍ଯ୍ୟାସ୍ତ ସମୟକୁ ବୁଝାଏ । ଏହି ସମୟରେ ନମାଜ ମଗରିବ୍ ପାଠ କରାଯାଇଥାଏ । ତେଣୁ ଉକ୍ତ ସମୟଟିକୁ ନମାଜ୍ ମଗରିବ୍ ବୋଲି କୁହଯାଇଛି । (4) غَسَقِ الَّيْلِ ଅନୁଯାୟୀ ଦୁଲୁକର ଅର୍ଥ ظُلْمَةُ اَوَّلِ الَّيْلِର ଅଟେ । ଅର୍ଥାତ ରାତ୍ରର ପ୍ରାରମ୍ଭିକ ଭାଗର ଅନ୍ଧକାରର ସମୟକୁ ବୁଝାଏ । ଉକ୍ତ ସମୟକୁ ନମାଜ ଇଶାର ସମୟ ନିର୍ମନ୍ତେ ସ୍ଥିର କରାଯାଇଛି । (5) قُرْاٰنَ الْفَجْرِ କହି ସକାଳ ନମାଜ ପାଠ କରିବା ନିମନ୍ତେ ଅଲ୍ଲାଃତାଲା ଆଦେଶ ଦେଇଛନ୍ତି । ଏତଦ୍‌ଭିନ୍ନ ଫଜର୍ ନମାଜ ବ୍ୟତୀତ ଅନ୍ୟ କୌଣସି ସମୟରେ ତିଲାୱତ୍ (ପବିତ୍ର କୁରଆନ୍‌ର ଆବୃତ୍ତି) ବାଧ୍ୟତାମୂଳକ ନୁହେଁ ।

اِنَّ قُرْاٰنَ الْفَجْرِ كَانَ مَشْهُوْدًا ହଦିସ୍‌ମାନଙ୍କରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ କହିଲେ ଯେ, ପ୍ରାତଃ ନମାଜ ସମୟରେ ଦିନର ଈଶ୍ୱରଦୂତମାନେ ଆସିଥାନ୍ତି ଓ ରାତ୍ର ସମୟରେ ଈଶ୍ୱର ଦୂତମାନେ ଲେଉଟି ଯାଆନ୍ତି । ସେହି ଈଶ୍ୱରଦୂତମାନେ ଯେତେବେଳେ ପ୍ରଭୁଙ୍କ ନିକଟକୁ ଯାଆନ୍ତି ସେତେବେଳେ ପ୍ରଭୁଙ୍କ ପଚାରିବା ଉତ୍ତାରୁ କୁହନ୍ତି, ହେ ପ୍ରଭୁ ! ଆମେମାନେ ଯେତେବେଳେ ମର୍ତ୍ତ୍ୟମଣ୍ଡଳକୁ ଯାଇଥିଲୁ ସେତେବେଳେ ଆପଣଙ୍କ ଭକ୍ତମାନଙ୍କୁ ନମାଜ ପଢୁଥିବାର ହିଁ ଦେଖିଥିଲୁ ଓ ଏଠାକୁ ଫେରିଲା ବେଳକୁ ମଧ୍ୟ ଆମାମାନେ ସେମାନଙ୍କୁ ନମାଜ ପଢୁଥିବା ଅବସ୍ଥାରେ ଛାଡ଼ି ଦେଇ ଆସିଛୁ । عَنْ اَبِي هُرَيْرَةَ عَنِ النَّبِيِّ صَلَّى اللّٰهُ عَلَيْهِ وَسَلَّمَ قَالَ تَشْهَدُهُ مَلَائِكَةُ اللَّيْلِ وَمَلَائِكَةُ النَّهَارِ (ଅଲହଦିସ୍)। ଉପରୋକ୍ତ ହଦିସର ଅର୍ଥ ଏହିକି ଯେ, ସକାଳ ନମାଜ ବିଶେଷ କରି ଅଲ୍ଲାଃତାଲାଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥାଏ ଏବଂ ବିଶେଷ ରୂପେ ତାହା ସ୍ୱୀକୃତ ମଧ୍ୟ ହୋଇଥାଏ । କାରଣ ମନୁଷ୍ୟ ସେତେବେଳେ ତା'ର ପ୍ରିୟ ନିଦ୍ରାକୁ ପରିତ୍ୟାଗ କରି (ଜାଗୃତ) ଉଠିଥାଏ । ନିଃସନ୍ଦେହ ରୂପେ ଯେଉଁ ବ୍ୟକ୍ତି ସକାଳ ସମୟର ନାମଜ ପାଠ କରେ ଓ ବ୍ୟକ୍ତି ଜଣକ ନମାଜ ବିଶ୍ୱସ୍ତତାର ସହିତ ପାଠ କରେ ତେବେ ଅନ୍ୟ ନମାଜ ମଧ୍ୟ ତା' ପାଇଁ ସହଜ ସାଧ୍ୟ ହୋଇଯିବ ।

**(ତଫ୍‌ସିର୍ କବିର୍, ଗ୍ରନ୍ଥ ଖଣ୍ଡ-4, ପୃ-373, ପ୍ରକାଶନ ସ୍ଥାନ-କାଦିଆନ୍, 2010 ମସିହା )**

## ଗତ ଶୁମାରା (ନଂ 33)ର ଅବଶିଷ୍ଟାଂଶ.......(ଚାହା କପରେ ମାଛି)

ସେ କ୍ରୋଧ ଜର୍ଜରିତ ହୋଇଗଲେ ଏବଂ କହିବାକୁ ଲାଗିଲେ ଯେ, ଧର୍ମବିଧାନର ଏହି ଆଦେଶ ରହିଛି ଯେ, ଯଦି ଛୋଟ ଶିଶୁଟି ବସ୍ତ୍ର ଉପରେ ପରିସ୍ରା କରିଦିଏ ତେବେ ସେହି ପରିସ୍ରା ଉପରେ ପାଣି ଛାଟିଦେଲେ ତାହା ଯଥେଷ୍ଟ ହେବ । ତୁମେ ନିଜର ଶାସକତ୍ୱ ଯୋଗୁଁ ଅହଂକାରୀ ଓ ଅଭିମାନୀ ହୋଇଯାଅ ଯାହାକି ଧର୍ମବିଧାନ ବିରୁଦ୍ଧୀୟ କଥା କହୁଥିବ । ଏହାପରେ ମୌଲବୀ ସାହେବ ଫତ୍‌ୱା ଶୁଣେଇବା ଆରମ୍ଭ କରିଦେଲେ ଯେ, ଏହା ତ' ଦୁଷ୍ଟତା ଅଟେ । ଏହି ସମସ୍ତ ଲୋକମାନେ ବହିଷ୍କୃତ ଅଟନ୍ତି, ଅବିଶ୍ୱାସକାରୀ ଅଟନ୍ତି । ସେମାନଙ୍କ ହୃଦୟରେ ହଦିସ ପ୍ରତି ଆଦୌ ସମ୍ମାନ ନାହିଁ । ପୁନଶ୍ଚ ମୌଲବୀ ସାହେବ ଅଧିକ ଉତ୍ତେଜିତ ଓ ଉତ୍‌କ୍ଷିପ୍ତ ହୋଇ ନାସ୍ତିକବାଦମୂଳକ ଧର୍ମାଜ୍ଞା ଦେଇ ପରିଶେଷରେ ସେଠାରୁ ଉଠି ଚାଲିଗଲେ ।

ବର୍ତ୍ତମାନ ଆପଣମାନେ ଶୁଣନ୍ତୁ ଯେ, ସେହି ପରିସ୍ରା କରିବାର ପ୍ରକୃତ ଘଟଣାଟି କେବଳ ଏତିକି ଯେ, ମହିଳାମାନଙ୍କର ବସ୍ତ୍ର ପ୍ରାୟତଃ ଛୋଟ ଶିଶୁଙ୍କର ପରିସ୍ରା କରିବା ଯୋଗୁଁ ଅପବିତ୍ର ହୋଇଥାଏ । ଛୋଟ ଶିଶୁଟି ରହି ରହି ପରିସ୍ରା କରିଥାଏ । ତେଣୁ ସମସ୍ତେ ଧନୀ ବ୍ୟକ୍ତି ନୁହନ୍ତି । ବରଂ ଅଧିକାଂଶ ଲୋକ ଗରିବ ଶ୍ରେଣୀର ଅଟନ୍ତି । ମା ଯଦି ପ୍ରତ୍ୟେକ ଥର ଶିଶୁର ଓ ନିଜର ବସ୍ତ୍ର ବଦଳେ, ଶିଶୁର ବସ୍ତ୍ର ଧୁଏ ତେବେ ମା ମାନଙ୍କର ବିଶେଷ କରି ଗରିବ ଶ୍ରେଣୀର ମା ମାନଙ୍କର ଜୀବନ ଦୁର୍ବିସହ ହୋଇ ପଡ଼ିବ । ଏଣୁ ଆଁହଜରତ ସ.ଅ ଧର୍ମ ବିଧାନରେ ଅତ୍ୟନ୍ତ ଦୟାପୂର୍ବକ ସେହି ଦୋଷ ଦୁର୍ବଳତା ଉପରେ କୃପା କରି ଏହି କଟକଣା ଲଗାଇ ଦେଇଛନ୍ତି ଯେ, ଛୋଟ ଶିଶୁଟି ଯଦି ବସ୍ତ୍ର ଉପରେ ପରିସ୍ରା କରିଦିଏ ତେବେ ପାଣି ଛାଟି (ପରିସ୍ରା ସ୍ଥାନକୁ ପାଣି ଦ୍ୱାରା ଟିକିଏ ଧୋଇ ଦେଇ) ଦେବା ଫଳରେ ତାହା ପବିତ୍ର ହୋଇଯାଇଥାଏ । **ସୁବ୍‌ହାନଲ୍ଲାଃ** (ଅଲ୍ଲାଃତାଲା ପବିତ୍ର ଅଟନ୍ତି) କି ଅପାର କରୁଣା ଓ କି ଅପାର ଦୟା ? ଗରିବମାନଙ୍କର ପ୍ରତି ପୋଷଣ ଆଁହଜରତ ସ.ଅ ଓ ଇସ୍‌ଲାମୀୟ ଧର୍ମବିଧାନ କେତେ କୋହୋଳ ନୀତି ଅବଲମ୍ବନ କରିଛି। ବର୍ତ୍ତମାନ ଅନ୍ୟ ପାର୍ଶ୍ୱକୁ ଦେଖ ଯେ, ଜଣେ ରାଜକୁମାରୀ ଯିଏ ପ୍ରତିଦିନ ଦୁଇ ଦୁଇ ହଳ ଲୁଗାପଟା ବଦଳିଥାଏ । ପ୍ରତ୍ୟେକ ଦିନ ସକାଳ ସମୟରେ ସ୍ନାନ କରି, ପ୍ରତ୍ୟେକ ସମୟ ସୁଗନ୍ଧ ବୋଳି ହୋଇ ରହିଥାଏ । ତେବେ ସେହି ରାଜକୁମାରୀଟି ଅତ୍ୟନ୍ତ ପବିତ୍ର, ଉତ୍ତମ ସ୍ୱଭାବର ରାଜକୁମାରୀ ଅଟେ । ସେହି ରାଜକୁମାରୀ ଉପରେ ଯଦି ଛୋଟ ଶିଶୁଟି ପରିସ୍ରା କରିଦିଏ ତେବେ ତା' ପକ୍ଷେ ଏହା ଅସମ୍ଭବ ଯେ, ସେ ସେହି ଓଦା ବସ୍ତ୍ର ନିଜ ଶରୀର ଉପରେ ସହ୍ୟ କରୁ ଅବା ପରିସ୍ରାର ବିନ୍ଦୁଟିଏ ମଧ୍ୟ ନିଜର ପବିତ୍ର ବସ୍ତ୍ର ଉପରେ ସେ ସହ୍ୟ କରିପାରିବ ନାହିଁ କିମ୍ବା ତା'ର ସ୍ୱଭାବ ସୁଲଭ ପବିତ୍ରତା ଓ ସ୍ୱଭାବର ସ୍ୱଚ୍ଛତା ତାକୁ ଅନୁମତି ଦେଇ ପାରିବ କି ସେ ଏଭଳି ପରିସ୍ଥିରେ ନିଜର ସେ ବସ୍ତ୍ର ପରିବର୍ତ୍ତନ ନକରି ଓ ସ୍ନାନ ନକରି ନମାଜ ପାଠ କରିପାରିବ ? ତା' ନିକଟରେ ପୁଳାଏ ବସ୍ତ୍ର ଥାଉ ପଛେ ଓ ଉନ୍ନତ ମାନର ବସ୍ତ୍ର (ଅବଶିଷ୍ଟାଂଶ .........ପୃ- 12ରେ)

# (ଖୁତ୍‌ବା ଜୁମା)

**ଅଲ୍ଲାଃତାଲା ଆର୍ଥିକ ବଳିଦାନକୁ ଏତେ ମହତ୍ତ୍ୱ ପ୍ରଦାନ କିରଛନ୍ତି ଯେ, ପ୍ରକୃତ ପୁଣ୍ୟ ଯାହା ଦ୍ୱାରା ଅଲ୍ଲାଃ ପ୍ରସନ୍ନ ହୋଇଥାଆନ୍ତି । କିନ୍ତୁ ସର୍ତ୍ତ ଏହକି ଯେ, ସେହି ପୁଣ୍ୟଗୁଡ଼ିକ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ସକାଶେ ହିଁ କରାଯାଉ । ଅତଃ ଯେତେବେଳେ ନିଜର ପ୍ରିୟ ବସ୍ତୁକୁ ଓ ଧନକୁ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ତଥା ତାହାଙ୍କ ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନପୂର୍ବକ ବ୍ୟୟ କରାଯାଏ ସେତେବେଳେ ଆମମାନଙ୍କର ପୁଣ୍ୟ ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୋଇଥାଏ ।**

**ୱକ୍‌ଫେ ଜଦିଦ୍‌ର ୬୫ତମ ବର୍ଷ ପୂର୍ତ୍ତି ଅବସରରେ ଜମାଅତ୍ ଅହେମଦିୟା ପକ୍ଷରୁ ଏକ କୋଟି ବାଇଶି ଲକ୍ଷ ପନ୍ଦର ହଜାର ପାଉଣ୍ଡର ଅତୁଳନୀୟ ବଳିଦାନ ।**

**ଯେଉଁ ବ୍ୟକ୍ତିର କୌଣସି ଧନ ବା ଅର୍ଥ ତା' ଅଧିକ ପାଇଁ ପ୍ରିୟ ହୋଇଥାଏ ଯଦି ତାହା ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ ହୁଏ ତେବେ ତାହା ପ୍ରଭୁଙ୍କ ନିକଟରେ ଗ୍ରହଣୀୟ ହୋଇଥାଏ ।**

**ମୋ ନିକଟରେ ଏହା ଏକ ପ୍ରକାରର ଜୁଆଖେଳ (Bitcoin) । ଏହି ଯେଉଁ ବ୍ୟବସାୟ ରହିଛି ତାହା ଏକ ପ୍ରକାରର ବିଟ୍ କଏନ୍ ସଦୃଶ ।**

**ହ. ମସିହ୍ ମଉଦ୍ ଅ.ସଙ୍କ ପରେ ଜାରି ହୋଇଥିବା ବ୍ୟବସ୍ଥା ଅର୍ଥାତ ନିଜାମେ ଖିଲାଫତ୍‌ରେ ମଧ୍ୟ ଅଲ୍ଲାଃତାଲା ପ୍ରତ୍ୟେକ ଯୁଗରେ ବଳିଦାନକାରୀ ବ୍ୟକ୍ତି ପ୍ରଦାନ କରିଚାଲିଛନ୍ତି । ଯେଉଁମାନେ ବଳିଦାନ କରି ନିଜର ସମସ୍ତ ସାଂସାରିକ ପ୍ରାଧାନ୍ୟତାକୁ ପଛରେ ପକାଇ ଦେଇ ପ୍ରତିସ୍ୱର୍ଦ୍ଧିତ ଭାବରେ ବଳିଦାନ କରିବା ପାଇଁ ଉଦ୍ୟମ କରୁଛନ୍ତି ସେମାନଙ୍କ ମଧ୍ୟରେ ପୁରୁଣା ଅହେମଦିମାନେ ଅନ୍ତର୍ଭୁକ୍ତ ଅଟନ୍ତି ଓ ନବାଗତ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି ।**

**ଅଲ୍ଲାଃତାଲାଙ୍କ ମାର୍ଗରେ ଦିଆଯାଇଥିବା ବଳିଦାନ କେବଳ ଇହକାଳରେ ଲାଭ ପ୍ରଦାନ କରି ନଥାଏ ବରଂ ଆଗାମୀ ଜୀବନରେ ମୃତ୍ୟୁ ପରେ ମଧ୍ୟ ଲାଭ ପ୍ରଦାନ କରିବ । ଏହା ଚିନ୍ତାଜନକ ବିଷୟ ଯେ, ସଂସାର ଆଉ କିଛି ଭାବୁଛି । କିନ୍ତୁ ଜଣେ ଧାର୍ମିକ ବ୍ୟକ୍ତି ଏହା ଚିନ୍ତା କରିଥାଏ ଯେ, ପ୍ରଭୁଙ୍କ କୃପା ବୃଷ୍ଟି ମୋ ଉପରେ ଯାହା ହେଉଛି ତାହା କେବଳ ମୋର ପ୍ରଭୁଙ୍କ ମାର୍ଗରେ ନିଜର ଧନକୁ ବ୍ୟୟ କରିବା ଦ୍ୱାରା ହିଁ ସମ୍ଭବପର ହେଉଅଛି ।**

**ୱକ୍‌ଫେ ଜଦିଦ୍‌ର ୬୬ତମ ବର୍ଷ ଶୁଭାରମ୍ଭ ହେବାର ଘୋଷଣା, ପୃଥିବୀ ବ୍ୟାପୀ ବାସ କରୁଥିବା ଅହେମଦିମାନଙ୍କ ବଳିଦାନର ବିଶ୍ୱାସ ବର୍ଦ୍ଧକ ସାମୂହିକ ଚର୍ଚ୍ଚା ।**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 06 Jan 2023 ମସିହା ଅନୁଯାୟୀ ୦୬ ସୁଲହ୍ /୧୪୦୨ସ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ۭ وَمَا تُنْفِقُوْا مِنْ شَيْءٍ فَاِنَّ اللّٰهَ بِهٖ عَلِيْمٌ

**(آل عمران:93)**

ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜ ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କଦାପି ସମ୍ପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ଏବଂ ତୁମେମାନେ ଯାହା କିଛି ବ୍ୟୟ କର ଅଲ୍ଲାଃତାଲା ତାହାକୁ ଭଲ ଭାବରେ ଜାଣନ୍ତି। ଉପରୋକ୍ତ ଆୟତର ବ୍ୟାଖ୍ୟା କରି ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥଳେ କୁହନ୍ତି: "ତୁମେମାନେ ପ୍ରକୃତ ପୁଣ୍ୟ ଯାହାକି ତୁମକୁ ମୋକ୍ଷ ପର୍ଯ୍ୟନ୍ତ ପହଞ୍ଚାଇଥାଏ ଓ ଯେଉଁ ପ୍ରିୟ ବସ୍ତୁ, ଧନ ସମ୍ପତ୍ତି ତୁମକୁ ଈଶ୍ୱରଙ୍କ ଠାରୁ ମଧ୍ୟ ଅତି ପ୍ରିୟ ବୋଲି ଜଣାପଡ଼େ । ଯଦି ସେହି ପ୍ରିୟ ବସ୍ତୁ ଅର୍ଥାତ ନିଜର ପ୍ରିୟ ଧନକୁ ତୁମେ ପ୍ରଭୁଙ୍କ ମାର୍ଗରେ ବ୍ୟୟ ନକରିଛ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ସେହି ପ୍ରକୃତ ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବ ନାହିଁ ।"

**(ଫତହ୍ ଇସଲାମ୍ ରୁହାନୀ ଖଜାଏନ୍, ଗ୍ରନ୍ଥ ଖଣ୍ଡ-3, ପୃ-34)**

ଆପଣଅ.ସ ପୁନଶ୍ଚ କୁହନ୍ତି "ମନୁଷ୍ୟ ଯେତେବେଳେ ନିଜର ପ୍ରିୟ ବସ୍ତୁ (ଧନ)କୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ ଓ ମାନବ ଜାତି ପ୍ରତି ସହାନୁଭୂତିପୂର୍ବକ ବ୍ୟୟ କରିଦେଇ ନାହିଁ ସେପର୍ଯ୍ୟନ୍ତ ସେ ସେହି ପ୍ରକୃତ ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବେ ନାହିଁ । **(ଇସ୍‌ଲାମି ଉସୁଲ୍ କି ଫିଲାସଫି-ରୁହାନୀ ଖଜାଏନ୍, ଗ୍ରନ୍ଥ ଖଣ୍ଡ-10, ପୃ-358)**

ଅତଏବ୍ ଆର୍ଥିକ ବଳିଦାନର ଏତେ ମହତ୍ତ୍ୱ ରହିଛି ଯେ, ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ଦର୍ଶାଇ କୁହନ୍ତି, ପ୍ରକୃତ ପୁଣ୍ୟ ଯହିଁରୁ ପ୍ରଭୁ ପ୍ରସନ୍ନ ଓ ସନ୍ତୁଷ୍ଟ ହୁଅନ୍ତି ଏବଂ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଯଦି ସେହି ପୁଣ୍ୟ (ଆର୍ଥିକ ବଳିଦାନ) ମନୁଷ୍ୟ କରେ ତେବେ ସେପରିପ୍ରେକ୍ଷୀରେ ମନୁଷ୍ୟର ସେହି ପୁଣ୍ୟ ପ୍ରକୃତ ପୁଣ୍ୟ ବୋଲି ବିବେଚିତ ହେବ । ଅର୍ଥାତ ମନୁଷ୍ୟ ଯେତେବେଳେ ନିଜର ପ୍ରିୟ ବସ୍ତୁ (ଧନ)କୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ, ମାନବ ଜାତି ପ୍ରତି ସହାନୁଭୂତିପୂର୍ବକ ବ୍ୟୟ କରେ ତେବେ ସେହି ପୁଣ୍ୟବଳୀଗୁଡ଼ିକ ମନୁଷ୍ୟ ନିମନ୍ତେ ମୋକ୍ଷର ମାଧ୍ୟମ ପାଲଟି ଯାଇଥାଏ ।"

ଏକ ସ୍ଥଳେ ଆପଣଅ.ସ କୁହନ୍ତି: "ଏହା ତ' ପୁଣ୍ୟ ନୁହେଁ ଯେ, କୌଣସି ବ୍ୟକ୍ତିର ଗାଇ ଅସୁସ୍ଥ ହୋଇଯାଏ ଓ ତା'ର ବଞ୍ଚିବାର ସମ୍ଭାବନା ନଥାଏ ତେବେ ସେହି ବ୍ୟକ୍ତି ଜଣକ ଏହା କହେ କି ମୁଁ ଏହି ଗାଇଟିକୁ ପ୍ରଭୁଙ୍କ ମାର୍ଗରେ ଦାନ କରି ଦେଉଛି କିମ୍ବା କୌଣସି ଫକିର (ଭିକାରୀ) ଯେତେବେଳେ ଘରକୁ ଆସେ ସେତେବେଳେ ବ୍ୟକ୍ତି ଜଣକ ଘରେ ଥିବା ବାସି ରୁଟି ଉକ୍ତ ଭିକାରୀଟିକୁ ଦେଇ ଦିଏ ସେତେବେଳେ

ସେହି ବ୍ୟକ୍ତି ଏହା ଭାବିବ ଯେ, ମୁଁ ଭିକାରୀକୁ ରୁଟି ଖାଇବାକୁ ଦେଲି ଅବା ଦାନ କରି ଦେଲି ତେବେ ତାହା ପ୍ରକୃତ ପୁଣ୍ୟ ହୋଇ ପାରିବ ନାହିଁ । କାରଣ ସେହି ପୁରୁଣା ଖାଦ୍ୟ ବସ୍ତୁଟି (ରୁଟି) ଘରେ ଆଉ କେହି ନଖାଇବାରୁ ତାହାକୁ ଭିକାରୀକୁ ଦାନ କରିଦିଆଗଲା ।"

ଅଲ୍ଲାଃତାଲାଙ୍କ ମାର୍ଗରେ ସେହି ଧନ ଗ୍ରହଣୀୟ ହୋଇଥାଏ ଯାହା ଜଣେ ବ୍ୟକ୍ତିର ଅତି ପ୍ରିୟ ଧନ ହୋଇଥିବ ଓ ପୁନଶ୍ଚ ସେହି ବ୍ୟକ୍ତି ସେହି ଅର୍ଥକୁ ଯଦି ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଦାନ ବା ବ୍ୟୟ କରିଦିଏ ତେବେ ତାହା ହିଁ ପ୍ରକୃତ ପୁଣ୍ୟ ଅଟେ । ଏହି କଥା ହିଁ ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବାର ସଠିକ ପରିଚୟ ତଥା ସଠିକ ଠିକଣା (ଅବଧାରଣା) ପ୍ରଦାନେ କରିଥାଏ । ତହିଁରୁ ଏହା ପ୍ରତିଭାତ ହୁଏ ଯେ, ଆମମାନଙ୍କ ହୃଦୟରେ ଅନ୍ୟମାନଙ୍କ ପ୍ରତି କେତେ ସମବେଦନା ରହିଛି। **(ମଲ୍‌ଫୁଜାତରୁ ଆନୀତ, ଗ୍ରନ୍ଥ ଖଣ୍ଡ-8, ପୃ-19, ସଂସ୍କରଣ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥଳେ କୁହନ୍ତି: "ସଂସାରରେ ମନୁଷ୍ୟ ଧନକୁ ସବୁଠୁ ବେଶୀ ଭଲପାଏ । ଅତଃ ସ୍ୱପ୍ନ ବିଦ୍ୟାର ପୁସ୍ତକରେ ଉଲ୍ଲେଖ ରହିଛି ଯଦି କୌଣସି ବ୍ୟକ୍ତି ସ୍ୱପ୍ନରେ ଏହା ଦେଖେ ଯେ ସେ ନିଜର ଯକୃତ କାଢି ଅନ୍ୟ ବ୍ୟକ୍ତିକୁ ଦେଇ ଦିଏ ତେବେ ତହିଁରୁ ଧନ ଯଥାର୍ଥ ଅଟେ । ଅତଃ ଅଲ୍ଲାଃତାଲା ପ୍ରକୃତ ଧର୍ମପରାୟଣତା ଓ ବିଶ୍ୱାସ ପ୍ରାପ୍ତି ନିମନ୍ତେ କହିଲେ, لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ **(ଆଲେ ଇମ୍ରାନ୍:93)** ଅର୍ଥାତ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ବସ୍ତୁମାନଙ୍କ ମଧ୍ୟରୁ ବ୍ୟୟ ନକରିବା ପର୍ଯ୍ୟନ୍ତ ତୁମେମାନେ କଦାପି ସମ୍ପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ । କାରଣ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବାର ଅର୍ଥ ଧନର ଏକ ବୃହତ୍ ଅଂଶ ବ୍ୟୟ କରିବାକୁ ସୂଚାଏ ଏବଂ ବିଭିନ୍ନ ପ୍ରକାରର ଜୀବଜନ୍ତୁ ତଥା ଈଶ୍ୱରଙ୍କ ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଏକ ପ୍ରସଙ୍ଗ ଅଟେ ଯାହାକି ବିଶ୍ୱାସର ଦ୍ୱିତୀୟ ଭାଗ ଓ ଦ୍ୱିତୀୟ ଅଙ୍ଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ ବାଦ୍‌ଦେଲେ ପୂର୍ଣ୍ଣ ବିଶ୍ୱାସ ମନ ଭିତରେ ଅବସ୍ଥାପିତ ତଥା ସୁଦୃଢ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ବଳିଦାନ ଦେଇ ନାହିଁ ସେପର୍ଯ୍ୟନ୍ତ ସିଏ କାହାକୁ ବା ଲାଭ ପହଞ୍ଚାଇ ପାରିବ ଓ କାହାର ବା ଉପକାର ସାଧନ କରିପାରିବ ? ସୁତରାଂ ଉପରୋକ୍ତ ଆୟତ୍‌ରେ ସେହି ବଳିଦାନର ଶିକ୍ଷା ନିମନ୍ତେ ଅଲ୍ଲାଃତାଲା ଭକ୍ତମାନଙ୍କର ମାର୍ଗଦର୍ଶନ କରିଛନ୍ତି । ଅତଏବ୍ ଉକ୍ତ ଆୟତ୍‌ରେ ସେହି ବଳିଦାନ ତଥା ତ୍ୟାଗର ଶିକ୍ଷା ଏବଂ ମାର୍ଗ ଦର୍ଶନର ମହାମନ୍ତ୍ର ପ୍ରଦାନ କରାଯାଇଛି। ସୁତରାଂ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ ଏବଂ ଧର୍ମପରାୟଣତାର ସ୍ତର ଓ କଷଟି ପଥର ଅଟେ ।

ହ. ଅବୁ ବକର[ର.ଅ]ଙ୍କ ସମଗ୍ର ଜୀବନ ଅଲ୍ଲାଃତାଲାଙ୍କ ସକାଶେ ଉତ୍ସର୍ଗୀକୃତର ଏକ ସ୍ତର ଓ କଷଟି ପଥର ରୂପେ ଅଭିପ୍ରେତ ଥିଲା ଯେ, ଏକଦା ରସୁଲ୍ କରୀମ୍[ସ.ଅ] କୌଣସି ଆବଶ୍ୟକତା ନିମନ୍ତେ ସହାବାମାନଙ୍କୁ ଆହ୍ୱାନ ଦେଲେ ସେତେବେଳେ ହ. ଅବୁ ବକର[ର.ଅ] ନିଜ ଘରର ସମସ୍ତ ଆସବାବ ପତ୍ର ଏବଂ ଧନରତ୍ନ ଧରି ଆପଣ[ସ.ଅ]ଙ୍କ ସମ୍ମୁଖରେ ଉପସ୍ଥିତ ହୋଇଗଲେ ।

**(ମଲ୍‌ଫୁଜାତ୍, ଗ୍ରନ୍ଥ ଖଣ୍ଡ-2, ପୃ-95-96, ପ୍ରକାଶନ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, ବଳିଦାନର ଓ ପ୍ରିୟ ଧନସମ୍ପଦକୁ ଉପସ୍ଥାପିତ କରିବାର ସର୍ବୋଚ୍ଚ ସ୍ତର ହ. ଅବୁ ବକର୍[ର.ଅ] ହିଁ ସ୍ଥାପନ କରିଥିଲେ । ପୁନଶ୍ଚ ସାହାବାମାନେ ନିଜ ନିଜର ସାମର୍ଥ୍ୟାନୁଯାୟୀ ତଥା ନିଜର ଶ୍ରେଣୀଗତ ମର୍ଯ୍ୟାଦା ଅନୁଯାୟୀ ଏହିସବୁ ସ୍ତର ସ୍ଥାପନ କରିଯାଇଛନ୍ତି ।

ହ. ମସିହ୍ ମଉଦ୍[ଅ.ସ]ଙ୍କ କାଳରେ ମଧ୍ୟ ତାଙ୍କର ମିଶନକୁ ପୂରଣ କରିବା ପାଇଁ ବିଭିନ୍ନ ପତ୍ର ପତ୍ରିକା ପ୍ରକାଶନ ଏବଂ ଇସ୍‌ଲାମ୍ ଧର୍ମର ପ୍ରକାଶନ ପାଇଁ ସର୍ବୋଚ୍ଚ ଆଦର୍ଶ ହ. ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ୍, ଖଲିଫତୁଲ୍ ମସିହ୍ ଅୱଲ୍[ର.ଅ](ଜମାଅତ୍ ଅହେମଦିୟାର ପ୍ରଥମ ଖଲିଫା) ସ୍ଥାପନ କରିଥିଲେ । ଆପଣ[ର.ଅ] ହ. ମସିହ୍ ମଉଦ୍[ଅ.ସ]ଙ୍କ ନିକଟକୁ ପତ୍ର ଲେଖି ଜଣାଇଲେ ଯେ, "ହୁଜୁର୍! ଆପଣ[ଅ.ସ]ଙ୍କ ମାର୍ଗରେ ମୁଁ ନିଜକୁ ଉତ୍ସର୍ଗ କରୁଛି ଏବଂ ମୋର ଯାହାକିଛି ରହିଛି ତାହା ବର୍ତ୍ତମାନ ମୋର ନୁହେଁ ବରଂ ଆପଣ[ଅ.ସ]ଙ୍କର । ମୁଁ ପରମ ସଚ୍ଚ ତଥା ଆଧାତ୍ମିକ ଗୁରୁଙ୍କ ନିକଟରେ ସଂପୂର୍ଣ୍ଣ ସତ୍ୟତାର ସହିତ ଏହା ବ୍ୟକ୍ତ କରୁଛି ଯେ, ମୋର ସମସ୍ତ ଧନ ସମ୍ପତ୍ତି ଯଦି ଧର୍ମର ପ୍ରଚାର ପ୍ରସାର ନିମନ୍ତେ ବ୍ୟୟ ହୋଇଯାଏ ତେବେ ମୋର ଜୀବନ ସାଫଲ୍ୟ ମଣ୍ଡିତ ହେଲା ବୋଲି ମୁଁ ଜାଣିବି।" ଆପଣ[ର.ଅ] ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "ଆପଣ[ଅ.ସ]ଙ୍କ ସହିତ ମୋର ସଂପର୍କ ଓ ସାମଞ୍ଜସ୍ୟ ହ. ଉମର୍ ଫାରୁକ୍[ର.ଅ] ପରି ଓ ମୁଁ ଏହି ମାର୍ଗରେ ନିଜର ସର୍ବସ୍ୱ ଦାନ କରିବା ନିମନ୍ତେ ପ୍ରସ୍ତୁତ ଅଟେ । ଆପଣ[ଅ.ସ] ମୋ ପାଇଁ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ମୋତେ ସତ୍ୟବାଦୀଙ୍କ ପରି ମୃତ୍ୟୁ ପ୍ରଦାନ କରନ୍ତୁ ।"

**(ଫତହ୍ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥ ଖଣ୍ଡ-3, ପୃ-36)**

ସେହିପରି ହ. ମସିହ୍ ମଉଦ୍[ଅ.ସ]ଙ୍କର ଅନେକ ସାହାବାମାନେ ଥିଲେ ଯେଉଁମାନେ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ଏଭଳି ବଳିଦାନ ଦେଲେ ଯେ, ହ. ମସିହ୍ ମଉଦ୍[ଅ.ସ] ଏକ ଅବସରରେ କହିଲେ ଯେ, ସେମାନଙ୍କର ବଳିଦାନ ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଯାଏ ଯେ, ସେମାନେ ଏହି ବଳିଦାନ କାହିଁକି ଦେଲେ? ଅତଃ ହ. ମସିହ୍ ମଉଦ୍[ଅ.ସ]ଙ୍କ ମିଶନ ଯାହାକି ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାରର ବ୍ୟବସ୍ଥା ଅଟେ, ତହିଁରେ ଆପଣମାନେ ସହାୟକ ହୁଅନ୍ତୁ । ଏଣୁ ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନପୂର୍ବକ ସେମାନଙ୍କୁ ମଧ୍ୟ ଆଁହଜରତ[ସ.ଅ]ଙ୍କ ସତ୍ୟବାଦୀ ଦାସଙ୍କ ଜମାଅତ୍‌ରେ ସାମିଲ୍ କରିବା ନିମନ୍ତେ ବଳିଦାନ ଉପସ୍ଥାପିତ କରନ୍ତୁ । ମାର୍ଗଦର୍ଶନ ସଂପୂର୍ଣ୍ଣ ହେବା ନିମନ୍ତେ ନିଜର ଭୂମିକାକୁ ସମ୍ପାଦନ କରନ୍ତୁ ଓ ଏହି ବଳିଦାନର ଚେତନା ଜମାଅତର୍ ସଦସ୍ୟବୃନ୍ଦଙ୍କୁ ଏପରି ଲାଗିଲା ଯେ, ଅର୍ଥାତ ବଳିଦାନର ଏହି ଅଭୂତପୂର୍ବ ନମୁନା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଏପରି ବୋଧ ହୋଇଥାଏ ଯେପରିକି ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ତାହାଙ୍କ ଦ୍ୱାରା ଅବ୍ୟାହତ ନିଜାମ୍ (ବ୍ୟବସ୍ଥା) ଅର୍ଥାତ ନିଜାମେ ଖିଲାଫତ୍‌ରେ ମଧ୍ୟ ଅଲ୍ଲାଃତାଲା ପ୍ରତ୍ୟେକ ଯୁଗରେ ବଳିଦାନକାରୀ ବ୍ୟକ୍ତି ପ୍ରଦାନ କରି ଚାଲିଛନ୍ତି ଯେଉଁମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ପ୍ରତିସ୍ପର୍ଦ୍ଧିତ ଭାବରେ ବଳିଦାନ ଉପସ୍ଥାପିତ କରୁଛନ୍ତି । ସେମାନଙ୍କ ମଧ୍ୟରେ ପୁରାତନ ଅହେମଦିମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ନବାଗତ ଅହେମଦି ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ସେହି ଅହେମଦିମାନଙ୍କର ବଳିଦାନର ଉଦାହରଣ ଆଜି ମୁଁ ଉପସ୍ଥାପିତ କରିବି । ସେ ଯାହା ହେଉ ନା କାହିଁକି ଆଜିର ଯେଉଁ ଖୁତ୍‌ବା ରହିଛି ଅର୍ଥାତ ଜାନୁଆରୀ ମାସର ପ୍ରଥମ ସପ୍ତାହର ଖୁତ୍‌ବା ତାହା ପ୍ରାୟତଃ ୱକ୍‌ଫେ ଜଦିଦ୍‌ର ନୂତନ ବର୍ଷର ଘୋଷଣା ସଂପର୍କରେ ହୋଇଥାଏ ।

ହ. ମୁସ୍‌ଲେହ୍ ମଉଦ୍[ର.ଅ] 1957 ମସିହାରେ ଏହି ତେହରିକ୍ (ଆହ୍ୱାନ ବା ଆନ୍ଦୋଳନ)କୁ ଆରମ୍ଭ କରିଥିଲେ । ଯାହାକି ଗ୍ରାମାଞ୍ଚଳରେ ସଂସ୍କାର ଓ ପ୍ରଚାର ନିମନ୍ତେ ଆରମ୍ଭ ହୋଇଥିଲା । ଏହା କେବଳ ପାକିସ୍ତାନ ପର୍ଯ୍ୟନ୍ତ ସୀମିତ ଥିଲା। ପୁନଶ୍ଚ ଖିଲାଫତେ ରାବିଆରେ ଏହାକୁ ବ୍ୟାପକତା ପ୍ରଦାନ କରାଯାଇ ସମସ୍ତ ରାଷ୍ଟ୍ର ପର୍ଯ୍ୟନ୍ତ ପ୍ରସାରିତ କରିଦିଆଗଲା । ଯେଉଁ ବିକଶିତ ରାଷ୍ଟ୍ରମାନେ ରହିଛନ୍ତି ସେମାନଙ୍କ ଏହି ଚାନ୍ଦାର ଟଙ୍କା ଆଫ୍ରିକା ଦେଶରେ ସଂସ୍କାର ଓ ପ୍ରଚାର ନିମନ୍ତେ ଖର୍ଚ୍ଚ କରିବାର ଆଦେଶ ହ. ଖଲିଫତୁଲ୍ ମସିହ୍ ରାବେ[ର.ଅ] ଦେଇଥିଲେ। ପ୍ରାୟତଃ ଏହି ପରମ୍ପରା ଅଦ୍ୟାବଧି ଅକ୍ଷୁର୍ଣ୍ଣ ଓ ଅବ୍ୟାହତ ରହିଛି । ଚାନ୍ଦାର ଏହି ଆୟକୁ ଆଫ୍ରିକା ଭଳି ଗରିବ ଦେଶରେ ଓ ଅନ୍ୟ ଗରିବ ଦେଶମାନଙ୍କ ଉପରେ ଖର୍ଚ୍ଚ କରାଯାଇଥାଏ । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ସଦସ୍ୟବୃନ୍ଦ ଏହି ଚାନ୍ଦାରେ ଅଂଶ ଗ୍ରହଣ କରିଥାନ୍ତି । କିନ୍ତୁ ଏହା ନୁହେଁ ଯେ, ଆଫ୍ରିକା ଓ ଅନ୍ୟ ବିକାଶଶୀଳ ଦେଶମାନଙ୍କର ଅହେମଦିମାନେ ଉକ୍ତ ଚାନ୍ଦାରେ ଅଂଶ ଗ୍ରହଣ କରୁ ନାହାନ୍ତି ତାହା ନୁହେଁ । ବରଂ ଏହି ଲୋକମାନଙ୍କର ବଳିଦାନ ମଧ୍ୟ ସେମାନଙ୍କର ଆୟ ଓ ପରିସ୍ଥିତି ଅନୁଯାୟୀ ପ୍ରଶଂସନୀୟ ଅଟେ । କିନ୍ତୁ ସେ ଯାହା ହେଉ ନା କାହିଁକି ଅତିରିକ୍ତ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

**ତାଲିବେ ଦୁଆ:** Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

**ତାଲିବେ ଦୁଆ:** Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଖର୍ଚ୍ଚ ଧନୀ ରାଷ୍ଟ୍ରମାନଙ୍କର ଚାନ୍ଦାରୁ ହିଁ ସେମାନଙ୍କର ଆବଶ୍ୟକତାକୁ ପୂରଣ କରାଯାଉଛି । ବିକଶିତ ରାଷ୍ଟ୍ରମାନଙ୍କର ଚାନ୍ଦାରୁ ହିଁ ଗରିବ ଦେଶର ଆବଶ୍ୟକତାକୁ ପୂରଣ କରାଯାଉଛି । ପ୍ରତ୍ୟେକ ସ୍ଥାନରେ ଏହି ବଳିଦାନକାରୀମାନେ ଏହି କଥାକୁ ହୃଦୟଙ୍ଗମ କରନ୍ତି ଯାହାକୁ ଆଁହଜରତ[ସ.ଅ] ହଦିସେ କୁଦ୍‌ସୀ (ଦେବୋପମମୂଳକ ହଦିସ୍)ରେ ବର୍ଣ୍ଣନା କରିଛନ୍ତି । ଅଲ୍ଲାଃତାଲା କୁହନ୍ତି: ହେ ଆଦମଙ୍କ ପୁତ୍ର ! ତୁ ନିଜର ନିଧି ମୋ ନିକଟରେ ଜମା କରିଦେଇ ନିଶ୍ଚିନ୍ତ ହୋଇଯା । କାରଣ ମୋ ନିକଟରେ ଏହି ନିଧି ରହିଲେ ସେହି ନିଧିରେ ନା ନିଆଁ ଲାଗିବାର ସମ୍ଭାବନା ରହିଛି, ନା ପାଣିରେ ବୁଡ଼ି ଯିବାର ଆଶଙ୍କା ରହିଛି ଓ ନା ହିଁ ଚୋର ଚୋରି କରିନେବାର ଆଶଙ୍କା ରହିଛି । ମୋ ନିକଟରେ ରଖାଯାଇଥିବା ନିଧି ଉପରେ ମୁଁ ତୋତେ ସଂପୂର୍ଣ୍ଣ ଅଧିକାର ଓ ସ୍ୱାୟତ୍ତ ସେଦିନ ପ୍ରଦାନ କରିବି ଯେତେବେଳେ ତୁ ସେହି ନିଧିର ସବୁଠୁ ଅଭାବି ବ୍ୟକ୍ତି ରୂପେ ବିବେଚିତ ହୋଇଥିବୁ । **(କନ୍‌ଜୁଲ୍ ଉମ୍ମାଲ୍, ଗ୍ରନ୍ଥ ଖଣ୍ଡ-6, ପୃ-352, ହଦିସ୍ ନଂ-1602, ପ୍ରକାଶନ ସ୍ଥାନ-ମୁଓସ୍ସତୁର୍ ରିସାଲତୁ, ବୈରୁତ୍-1985 ମସିହା)**

ସୁତରାଂ ଅଲ୍ଲାଃତାଲାଙ୍କ ମାର୍ଗରେ କରାଯାଇଥିବା ବଳିଦାନ କେବଳ ଏହି ସଂସାରରେ ଲାଭ ପ୍ରଦାନ କରି ନଥାଏ । ବରଂ ମୃତ୍ୟୁ ପରବର୍ତ୍ତୀ ଲୋକରେ ମଧ୍ୟ ସେହି ଲାଭ ପ୍ରାପ୍ତ ହୋଇଥାଏ । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି: وَمَا تُنْفِقُوْا مِنْ خَيْرٍ يُّوَفَّ اِلَيْكُمْ وَاَنْتُمْ لَا تُظْلَمُوْنَ **(ଅଲ୍ ବକରାହ୍: 273)** ଅର୍ଥାତ ତୁମେମାନେ ଯାହାକିଛି ବିଶୁଦ୍ଧ ଧନ ବ୍ୟୟ କରିବ ତାହା ତୁମମାନଙ୍କୁ ସଂପୂର୍ଣ୍ଣ ରୂପେ ଫେରସ୍ତ କରିଦିଆଯିବ ଓ ତୁମମାନଙ୍କ ପ୍ରତି ଆଦୌ ଅତ୍ୟାଚାର କରାଯିବ ନାହିଁ । ଅତଏବ୍ ଅଲ୍ଲାଃତାଲା ଯେତେବେଳେ କୌଣସି ପ୍ରତିଶୃତି କରନ୍ତି ତାହାକୁ ସେ ଅବଶ୍ୟ ପୂରଣ କରନ୍ତି । ଏହାର ଉଦାହରଣ ଏହି ସଂସାରରେ ମଧ୍ୟ ସେ ଆମମାନଙ୍କୁ ଅବଲୋକନ କରାଇ ଦିଅନ୍ତି । କାରଣ ଆମେମାନେ ଯେପରି ସେହି ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଯାଉ । କାରଣ ଆମେମାନେ ଅଲ୍ଲାଃତାଲାଙ୍କ ପ୍ରତିଫଳର ଅଧିକାରୀ ପରବର୍ତ୍ତୀ ଜୀବନରେ ମଧ୍ୟ ହୋଇପାରିବୁ । ସାଂସାରିକ ବ୍ୟକ୍ତିମାନଙ୍କ ପରି ନୁହଁ ଯେ, ବ୍ୟବସାୟରେ ଟଙ୍କା ଲଗାଇ ଯଦି କ୍ଷତି ସହ୍ୟ କରିବାକୁ ପଡ଼େ କିମ୍ବା କିଛି କାଳ ବ୍ୟବସାୟରେ ଲାଭ ପ୍ରାପ୍ତ ହୁଏ ତେବେ ତାହା କେବଳ ସାଂସାରିକ ଲାଭକୁ ହିଁ ବୁଝାଏ । ଆଗକୁ କେହି ଗ୍ୟାରେଣ୍ଟି ଦେଇ ପାରିବ ନାହିଁ । ବରଂ ସଂସାରର ଏପରି କାର୍ଯ୍ୟ ରହିଛି ଯହିଁରୁ ସ୍ୱଳ୍ପ ସମୟ ପର୍ଯ୍ୟନ୍ତ ମନୁଷ୍ୟକୁ ଲାଭ ମିଳିଥାଏ କିନ୍ତୁ ତାହାକୁ ପରିଚାଳନା କରୁଥିବା କର୍ମଚାରୀ ଗଣ ହିଁ ହରିଲୁଟ କରି ନିଅନ୍ତି । ଅପର ପକ୍ଷେ ସେହି ଗରିବ ଲୋକମାନେ ଯେଉଁମାନେ ଇନ୍‌ଭେଷ୍ଟମେଣ୍ଟ (କୌଣସି ସ୍କିମ୍‌ରେ ଟଙ୍କା ଲଗାଇ ଥାଆନ୍ତି) କରି ଥାଆନ୍ତି ସେମାନଙ୍କର ଟଙ୍କା ବୁଡ଼ି ଯାଇଥାଏ । ଯେପରିକି ଆଜିକାଲି ଏହି ସ୍ୱର ଉଠୁଛି ଯେ, ଲୋକମାନେ ନିଜର ଝାଳ ବୁହା ଧନ କମ୍ପାନୀ କିମ୍ବା କୌଣସି ସ୍କିମ୍‌ରେ ଅର୍ଥାତ Crypto Currency ଓ Bitcoinରେ ଲଗାଇଥିଲେ ସେମାନଙ୍କର ଟଙ୍କା ବୁଡ଼ିଗଲା। ଅର୍ଥାତ ବିଟ୍ କଏନ୍ ଓ କ୍ରିପ୍ଟୋ କରେନ୍‌ସି କମ୍ପାନୀକୁ ପରିଚାଳନା କରୁଥିବା CEO ମାନେ ଲୋକଙ୍କର ଟଙ୍କାକୁ ହଡ଼ପ କରିନେଲେ । ଲୋକମାନେ ନିଜର ସର୍ବସ୍ୱ ହରାଇ ବସିଲେ । ସେ ଯାହା ହେଉ ନା କାହିଁକି ଏ ଯେଉଁ ବ୍ୟବସାୟ ରହିଛି ତାହା ମୋ ନିକଟରେ ଏକ ପ୍ରକାରର ଜୁଆଖେଳ ଅଟେ । କିନ୍ତୁ ଅଲ୍ଲାଃତାଲା କିପରି ବଳିଦାନକାରୀଙ୍କୁ ତାହାଙ୍କ ସକାଶେ ଅର୍ଥ ବ୍ୟୟ କରୁଥିବା ବ୍ୟକ୍ତିମାନଙ୍କୁ ପୁରସ୍କୃତ କରିଥାଆନ୍ତି ତାହାର ବିଚିତ୍ର ଦୃଶ୍ୟ ଓ ନମୁନା ମଧ୍ୟ ରହିଛି। ଯେପରିକି ମୁଁ କହିଲି ଯେ, ମୁଁ କେତେକ ଉଦାହରଣ ଉପସ୍ଥାପିତ କରିବି । ସେହି ଉଦାହରଣଗୁଡ଼ିକ ଏପରି ଅଟନ୍ତି ଯେ, ଯେଉଁଠି ବଳିଦାନକାରୀମାନେ ସାଂସାରିକ ଲାଭ ପ୍ରାପ୍ତ କରୁଛନ୍ତି ସେଠାରେ ସେମାନଙ୍କର ବିଶ୍ୱାସରେ ମଧ୍ୟ ଅଭିବୃଦ୍ଧି ଘଟୁଛି। ଉଦାହରଣ ସ୍ୱରୂପ ଲାଇବେରିଆର ଏକ ଉଦାହରଣ ରହିଛି ।

**ଲାଇବେରିଆର** ଫୋମ୍ବା (Fomba) ଜମାଅତ୍‌ର ବୋମି କାଉଣ୍ଟି ଅନ୍ତର୍ଗତ ଜଣେ ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ୱକ୍‌ଫେ ଜଦିଦ୍‌ର ଚାନ୍ଦା ଆଦାୟ ସକାଶେ ନବଦୀକ୍ଷିତଙ୍କରକୁ ଫୋମ୍ବା ନମାକ ଏକ ଜମାଅତ୍‌କୁ ଯାଇଥିଲେ । ସେଠାକାର ସ୍ଥାନୀୟ ଇମାମ୍ ସାହେବଙ୍କୁ ସାକ୍ଷାତ୍ କରିବା ପରେ ଏକ ସାମୂହିକ କାର୍ଯ୍ୟକ୍ରମ ଆୟୋଜନ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଅଧିକାଂଶ ଲୋକ ସାମିଲ ହେଲେ । ଲୋକମାନଙ୍କୁ ୱକ୍‌ଫେ ଜଦିଦ୍‌ର ଚାନ୍ଦାର ବିଶେଷତ୍ୱ ଓ କଲ୍ୟାଣ ପ୍ରସଙ୍ଗରେ କୁହାଗଲା । କାର୍ଯ୍ୟକ୍ରମ ପରେ ଲୋକମାନଙ୍କୁ ବ୍ୟକ୍ତିଗତ ରୂପେ ସେମାନଙ୍କ ଘରକୁ ଯାଇ ଚାନ୍ଦା ଆଦାୟ ମଧ୍ୟ କଲି । ଇତି ମଧ୍ୟରେ ଜଣେ ସେବକ ନିଜ ଘରକୁ ଗଲେ । ତାଙ୍କ ଘରେ କିଛି ନଥିଲା । ତାଙ୍କ ମାତାଶ୍ରୀ କ୍ଷମା ମାଗିଲେ ଯେ, ବର୍ତ୍ତମାନ ତାଙ୍କ ନିକଟରେ ଚାନ୍ଦା ନିମନ୍ତେ ପଇସା ନାହିଁ । ପରେ କେତେବେଳେ ଦେଇଦେବେ । ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ଆମେମାନେ ସେଠାରୁ ଫେରି ଆସିଲୁ । କିଛି ସମୟ ପରେ ସେହି ସେବକ ଦଉଡ଼ି ଆସି କହିଲା, ମୁଅଲ୍ଲିମ୍ ସାହେବ ! ହେଇ ନିଅନ୍ତୁ 250 ଲାଇବେରିଆନ୍ ଡଲାର୍ । ଏହି ଡଲାର୍ ମୋତେ ମୋର ପିତା ସ୍କୁଲ୍ ଫିସ୍ ପାଇଁ ଦେଇଥିଲେ । ଏହାକୁ ମୁଁ ନିଜ ଚାନ୍ଦାରେ ଦେଉଛି । କାରଣ ଆମର ଘର ଏହି ତେହ୍‌ରିକ୍ (ଆହ୍ୱାନ) ରୁ ଯେପରି ବଞ୍ଚିତ ନରହୁ । ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, କିଛି ଦିନେ ଗଲା ପରେ ସେହି ସେବକ ଜଣକ ମୋ ସେଣ୍ଟରକୁ ଆସିଲେ ଓ କହିଲେ, ମୁଅଲ୍ଲିମ୍ ସାହେବ! ଆପଣଙ୍କ ଗଲାପରେ ଦୁଇ ଦିନ ପରେ ମୋତେ ଏକ ସନ୍ଦେଶ ପ୍ରାପ୍ତ ହେଲା ଯେ, ମୋର କେହି ସଂପର୍କୀୟ ମୋତେ ସ୍କୁଲ ଫିସ୍ ଆବଶ୍ୟକ ହେତୁ 2500/- ଲାଇବେରିଆନ୍ ଡଲାର ପଠାଇଛନ୍ତି । ସୁତରାଂ ମୁଁ ସେହି ପଇସାରୁ ମୋର ସ୍କୁଲ୍ ଫିସ୍ ପୈଠ କରିଦେଲି ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ମଧ୍ୟ କିଣିଲି । ଉକ୍ତ ସେବକ ଜଣକ କହିବାକୁ ଲାଗିଲା ଯେ, ଅଲ୍ଲାଃତାଲା ମୋତେ ମୋର ବଳିଦାନ କରିବା ଯୋଗୁଁ ମୋତେ ଦଶଗୁଣା ଅଧିକ କରି ପୁରୁସ୍କୃତ କଲେ। ତେବେ ଅଲ୍ଲାଃତାଲା ଏହିପରି ଲୋକମାନଙ୍କ ମନରେ ବିଶ୍ୱସା ଓ ଆସ୍ଥା ସୃଷ୍ଟି କରିଥାଆନ୍ତି ଏବଂ ଇହକାଳରେ ପୁରସ୍କୃତ କରନ୍ତି ତ' ପରକାଳର ଯେଉଁ ପ୍ରତିଶୃତି ରହିଛି ତାହା ମଧ୍ୟ **ଇନ୍‌ଶାଅଲ୍ଲାଃ** ପୂରଣ କରିବେ ।

ସେହିପରି **ଗିନି କନାକେରୀର** ଏକ ଉଦାହରଣ ରହିଛି । ସେଠିକାର ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି ଯେ, ଅଶ୍ରାଏ ୱକଫେ ଜଦିଦ୍ (ୱକ୍‌ଫେ ଜଦିଦ୍‌ର ଦସ ଦିବସୀୟ କାର୍ଯ୍ୟକ୍ରମ) ପାଳନ କରୁଥିଲେ । ଗିନି କନାକେରୀର ମନ୍‌ସୟା (Mansaya) ନାମକ ଏକ ଜମାଅତ୍ ରହିଛି ସେହି ମନ୍‌ସୟା ଜମାଅତ୍ ସ୍ଥିତ ମସଜିଦକୁ ବ୍ୟକ୍ତିଗତ ରୂପେ ଗସ୍ତ କରି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ତେହ୍‌ରିକେ ୱକ୍‌ଫେ ଜଦିଦ୍‌ର ବିଶେଷତ୍ୱ ଓ କଲ୍ୟାଣ ସଂପର୍କରେ କହି ଲୋକମାନଙ୍କୁ ଉକ୍ତ କଲ୍ୟାଣମୟ ତେହ୍‌ରିକରେ ସାମିଲ୍ ହେବା ନିମନ୍ତେ ଧ୍ୟାନ ଆକର୍ଷଣ କରୁଥିଲି କି ଗ୍ରାମ ସ୍ଥିତ ମସଜିଦର ଅବୁ ବକର କୁମାରା ସାହେବ ଯେକି ନୂଆ ଅହେମଦି ହୋଇଛନ୍ତି ସେ କହିଲେ ଯେ, ପ୍ରଥମେ ମୁଁ ନିଜର ଚାନ୍ଦା ପୈଠ କରିଦେବି । କାରଣ ଆମମାନଙ୍କୁ ଅନ୍ୟମାନଙ୍କ ପାଇଁ ଆଦର୍ଶ ପାଲଟିବା ଉଚିତ୍ । ବର୍ତ୍ତମାନ ଏହି ପରିସ୍ଥିତି ମଧ୍ୟ ରହିଛି ଯେ, ନିଜେ ତେହ୍‌ରିକରେ ଭାଗ ନନେଇ ଅନ୍ୟମାନଙ୍କୁ କହି ବୁଲିବା ଯେ, ତେହ୍‌ରିକ୍ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଭାଗ ନିଅନ୍ତୁ । ତାହା ନୁହେଁ । ବରଂ ସ୍ୱୟଂ କୁହନ୍ତି ଯେ, ପ୍ରଥମେ ଆମମାନଙ୍କୁ ତେହ୍‌ରିକ୍ କରିବା ଉଚିତ୍ । ଅତଃ ସେ ନିଜ ପକେଟରେ ଥିବା ଦଶ ହଜାର ଫ୍ରାଙ୍କ୍ ଗିନୀୟ ଅର୍ଥ ଚାନ୍ଦା ଆକାରରେ ପୈଠ କରିଦେଲେ ଓ ପରବର୍ତ୍ତୀ ସମୟରେ ସେ ମୁଅଲ୍ଲିମ୍ ସାହେବଙ୍କୁ ସାକ୍ଷାତ୍ କରିବାକୁ ଆସିଲେ । ସେ କହିଲେ, ଯେ, ସେ ଚାନ୍ଦା ଉପହାର ସ୍ୱରୂପ ସ୍ୱରୂପ ପ୍ରେରଣ କରିଛନ୍ତି । ସେ କୁହନ୍ତି ଯେ, ମୁଁ ଏହା ଭାବୁଛି ଯେ, ମୁଁ ଚାନ୍ଦା ଦେଇ ଦେଇଥିଲି । କିନ୍ତୁ କିଛି ସମୟ ପରେ ହିଁ ମୋର ଜଣେ ବନ୍ଧୁ ମୋତେ ପନ୍ଦର ଲକ୍ଷ ଫ୍ରାଙ୍କ୍ ମୋତେ ଦେଲେ । ସେ କୁହନ୍ତି ଯେ, ମୋତେ ଏହି ବିପୁଳ ପରିମାଣର ଅର୍ଥ ମୋର ବଳିଦାନ କରିଥିବା ଯୋଗୁଁ ହିଁ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି । ମୁଁ ବର୍ତ୍ତମାନ ପୂର୍ବାପେକ୍ଷା ଆହୁରି ଅଧିକ ନିୟମିତ ରୂପେ ଚାନ୍ଦାରେ ଭାଗ ନେବି। ହୁଜୁର ଅନ୍‌ୱର୍[ଅ.ବ] କହିଲେ ଏ ହେଉଛି ଅଲ୍ଲାଃତାଲାଙ୍କର ବ୍ୟବହାର ଯେ,

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

**(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)**

**ତାଲିବେ ଦୁଆ:** Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

**(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)**

**ତାଲିବେ ଦୁଆ:** Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ଅଲ୍ଲାଃତାଲା କିପରି ନବଦୀକ୍ଷିତଙ୍କ ସହିତ ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଅର୍ଥାତ ପ୍ରଭୁଙ୍କ ମାର୍ଗରେ ଯଦି ଆମେମାନେ ନିଜର ପ୍ରିୟ ଧନକୁ ବ୍ୟୟ କରୁ ତେବେ ପ୍ରଭୁ ଅବଶ୍ୟ ଆମମାନଙ୍କୁ ଏଠାରେ ମଧ ପୁରସ୍କୃତ କରିବେ ଓ ଭବିଷ୍ୟତର ଦେଇଥିବା ପ୍ରତିଶୃତିକୁ ମଧ **ଇନ୍‌ଶାଅଲ୍ଲାଃ** ସେ ଅବଶ୍ୟ ପୂରଣ କରିବେ ।

ହୁଜୁର ଅନୱର୍[ଅ.ବ] କହିଲେ ସେହିପରି **କ୍ୟାମରୁନ୍‌ର** ଘଟଣା ରହିଛି । କ୍ୟାମରୁନ୍‌ର ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ଜଣେ ଯୁବକ ମୋ ସହିତ ୱକ୍‌ଫେ ଜିଦଦ୍‌ର ଚାନ୍ଦା ଆଦାୟ ନିମନ୍ତେ ଯାଇଥିଲେ । ସେ ରୋଜଗାରିଆ ନଥିଲେ । ତେଣୁ ସେ ସ୍ୱୟଂ ୱକ୍‌ଫେ ଜିଦଦ୍‌ର ଚାନ୍ଦାରେ କେବଳ ଏକ ହଜାର ସିଫା ଚାନ୍ଦା ଦେଲେ ଓ କହିଲେ, ମୌଲବୀ ସାହେବ ଆପଣ ଦୁଆ କରନ୍ତୁ ଯେ, ମୋତେ ଚାକିରୀ ଖଣ୍ଡେ ମିଳିଯାଉ ଓ ମୁଁ ଆହୁରି ଅଧିକ ଚାନ୍ଦା ଦେବି । ମୁଅଲ୍ଲିମ୍ ସାହେବ କହିଲେ, ଠିକ୍ ଅଛି ମୁଁ ବି ଆପଣଙ୍କ ପାଇଁ ଦୁଆ କରିବି ଓ ତୁମେ ମଧ ନିଜର ଚାକିରୀ ପାଇଁ ଦୁଆ କର । ସୁତରାଂ ଅଲ୍ଲାଃତାଲା କିଛି କାଳ ପରେ ସେହି ଦୁଆକୁ ଶୁଣିଲେ । ଗୋଟିଏ ମାସ ପରେ ୟୁ.ଏନ୍.ଓର ଏକ ଗୋଷ୍ଠୀରେ ଡ୍ରାଇଭର ରୂପେ ତାଙ୍କୁ କାମ ବା ନିଯୁକ୍ତି ମିଳିଲା । ଏହିପରି ଭାବରେ ସେ ନିଜର ୱକ୍‌ଫେ ଜଦିଦ୍‌ର ୱାଦାରେ ଦଶ ହଜାର ସିଫା ଚାନ୍ଦା ପୈଠ କରିଦେଲେ । କାରଣ ଏହି ଚାନ୍ଦାକୁ ସେ ଅତ୍ୟନ୍ତ କଷ୍ଟ ସମୟରେ ଦେଇଥିଲେ । ତେଣୁ ଏହା ବଦଳରେ ଅଲ୍ଲାଃତାଲା ତାଙ୍କର ଆୟରେ ଅଭିବୃଦ୍ଧି କଲେ ।

ହୁଜୁର ଅନ୍‌ୱର୍[ଅ.ବ] କହିଲେ **ତାନ୍‌ଜାନିଆର** ଘଟଣା ରହିଛି । ତାନ୍‌ଜାନିୟାରେ ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ଜମାଅତ୍‌ର ଜଣେ ମହିଳା କହିଲେ ଯେ, ଦିନେ ସେ ସେ ଘରର କିଛି ଜିନିଷ କିଣାକିଣି କରିବା ପାଇଁ ବଜାରକୁ ଯାଉଥିଲେ। ବାଟରେ ମୁଅଲ୍ଲିମ୍ ସାହେବଙ୍କ ସହିତ ତାଙ୍କର ଭେଟ ହୋଇଗଲା । ମୁଅଲ୍ଲିମ୍ ସାହେବ ଉକ୍ତ ମହିଳାଙ୍କୁ ୱକ୍‌ଫେ ଜଦିଦ୍‌ର ଚାନ୍ଦା ସଂପର୍କରେ କହିଲେ ଓ ଏହାର ପୈଠ ପ୍ରତି ତାଙ୍କର ଧ୍ୟାନ ଆକାର୍ଷଣ କଲେ । ତେବେ ଉକ୍ତ ମହିଳା ଜଣକ କହିଲେ, ମୁଁ ମୁଅଲ୍ଲିମ୍ ସାହେବଙ୍କୁ କହିଲି ଯେ, ମୋ ନିକଟରେ ବର୍ତ୍ତମାନ ଦୁଇ ହଜାର ଶିଲଙ୍ଗ୍ ଅର୍ଥ ରହିଛି । ମୁଁ ବଜାରକୁ ସଉଦା ଆଣିବା ନିମନ୍ତେ ଯାଉଛି । ତେଣୁ ମୁଁ ଏକ ହଜାର ଶିଲଙ୍ଗ ଚାନ୍ଦା ପୈଠ କରିଦେଲି ଓ ଅବଶିଷ୍ଟ ଏକ ହଜାର ଅର୍ଥରେ ନିଜର ଆବଶ୍ୟକୀୟ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିନେବି । ମହିଳା ଜଣକ କୁହନ୍ତି ଯେ, ମୁଁ ବଜାରକୁ ଯାଇଥିଲି ସେଠାରେ ଜଣେ ମହିଳା ମୋତେ ପଛରୁ ଡାକିଲେ ସେ ମୋ ଠାରୁ କିଛି କାଳ ପୂର୍ବେ ପାଞ୍ଚ ହଜାର ଶିଲଙ୍ଗ୍ ଅର୍ଥ ନେଇଥିଲେ। ଅନେକ ସମୟ ବିତି ଯାଇଥିଲା ଏବଂ ଟଙ୍କା ଫେରସ୍ତ ହେବାର କୌଣସି ଆଶା ମଧ ଦେଖାଯାଉ ନଥିଲା । ସେହି ଧାର ନେଇଥିବା ମହିଳା ଜଣକ ମୋତେ ଡାକିଲେ ଓ ମୋତେ ପାଞ୍ଚ ହଜାର ଶିଲଙ୍ଗ୍ ଅର୍ଥ ଦେଇ କହିଲେ, ଏହି ଟଙ୍କା ତକ ତୁମେ ମୋତା ଋଣ ରୂପେ ଦଇଥିଲ ଏବଂ ମୁଁ ଏହି ଟଙ୍କାକୁ ତୁମକୁ ଫେରସ୍ତ କରିବାର ଥିଲା । ପୁନଶ୍ଚ ଉକ୍ତ ମହିଳା ଜଣକ ମୁଅଲ୍ଲିମ୍ ସାହେବଙ୍କ ନିକଟକୁ ଗଲେ ଓ କହିଲେ ଯେ, ଏହି ଅର୍ଥ ତ' ମୋତେ ଚାନ୍ଦାର କଲ୍ୟାଣ ଯୋଗୁଁ ହିଁ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି । ତେଣୁ ମୁଁ ଅତିରିକ୍ତ ଏକ ହଜାର ଶିଲଙ୍ଗ୍ ଚାନ୍ଦା ପୈଠ କରିଦେଲି ।

ହୁଜୁର ଅନ୍‌ୱର୍[ଅ.ବ] କହିଲେ **ଲାଇବେରିଆର** ମୁଅଲ୍ଲିମ୍ ସାହେବ ବର୍ଣ୍ଣନା କରନ୍ତି ଯେ, ଗାଣ୍ଟା (Ganta) ଜମାଅତ୍‌ର ଜଣେ ମହିଳା ସଦସ୍ୟା ଅଟନ୍ତି । ମୁଅଲ୍ଲିମ୍ ସାହେବ ତାଙ୍କୁ ଯେତେବେଳେ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ସାମିଲ ହେବା ପାଇଁ ଧ୍ୟାନ ଆକର୍ଷଣ କଲେ ସେତେବେଳେ ସେ କହିଲେ, ମୌଲବୀ ସାହେବ ବର୍ତ୍ତମାନ ମୋ ନିକଟରେ ଦେବା ପାଇଁ ତ' କିଛି ନାହିଁ । କିନ୍ତୁ ଆପଣ ଟିକିଏ ରୁହନ୍ତୁ । ମୁଁ କିଛି ବ୍ୟବସ୍ଥା କରୁଛି । କାରଣ ଆପଣ ମୋ ଘରୁ ଯେପରି ଶୂନ୍ୟ ହସ୍ତ ହୋଇ ନଫେରନ୍ତୁ । ମୁଁ ଚିନ୍ତିତ ଯେ, ମୋ ଘରୁ କେହି ଯେପରି ଶୂନ୍ୟ ହସ୍ତ ହୋଇ ନଫେରନ୍ତୁ । ସୁତରାଂ ସେ ଶୀଘ୍ର ଦଉଡ଼ି ଯାଇ କାହା ପାଖରୁ ଶହେ ଲାଇବେରିଆନ୍ ଧାର ଘେନି ଆଣି ଚାନ୍ଦା ପୈଠ କିରଦେଲି । ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ମୁଁ ବର୍ତ୍ତମାନ ସେହି ମହିଳାଙ୍କ ଘରେ ରହିଥିଲି କି ତାଙ୍କୁ ଫୋନ୍‌ରେ ମେସେଜ୍ ଆସିଲା ଯେ, ତାଙ୍କ ଆକାଉଣ୍ଟ୍‌କୁ କେହି ଅନ୍ ଲାଇନ୍ କିଛି ପଇସା ଟ୍ରାନ୍‌ସଫର୍ କରିଛନ୍ତି । ଉକ୍ତ ମହିଳା ଜଣକ କୁହନ୍ତି ଯେ, ମୁଅଲ୍ଲିମ୍ ସାହେବ ମୁଁ ଯେଉଁ ବର୍ତ୍ତମାନ ଆପଣଙ୍କୁ ଶହେ ଲାଇବେରିଆନ୍ ଡଲାର ଦେଇଥିଲି ଅଲ୍ଲାଃତାଲା ମୋତେ ସେହି ଚାନ୍ଦା ବଦଳରେ ମୋତେ ପୁରସ୍କୃତ କରିଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଗିନି କରାକେରୀର ସାଇଡ଼ୋବା (Saeedouba) ଜମାଅତ୍‌ର ମୁବଲ୍ଲିଗ୍ ସିଲସିଲା ଉଲ୍ଲେଖ କରନ୍ତି ଯେ, ସାଇଡ଼ୋବା ଜମାଅତ୍‌ର୍ ସଇଦ୍ ୱହା ସାହେବ ନାମକ ଜଣେ ସଦସ୍ୟ କୁହନ୍ତି: ସେ ଚାକିରୀ ପାଇଁ ଏକ ମାଇନିଂ କମ୍ପାନୀରେ ଆବେଦନ କରିଥିଲେ । କିନ୍ତୁ ଆଶାର କୌଣସି ଆଲୋକ ଦେଖାଯାଉ ନଥିଲା । ଦଶ ଦିବସୀୟ ୱକ୍‌ଫେ ଜଦିଦ୍‌ର କାର୍ଯ୍ୟକ୍ରମରେ ତାଙ୍କୁ ଯେତେବେଳେ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଗଲା ସେତେବେଳେ ସେ କହିଲେ ମୋର ତ' ରୋଜଗାର ନାହିଁ କିଛି ଅଧିକ ଦେଇପାରିବି ନାହିଁ । ସେ ଯାହେ ହେଉ ନା କାହିଁକି ସେ ଯେତେବେଳେ ନିଜ ପକେଟରେ ହାତ ପୂରାଇଲେ ସେତେବେଳେ ତାଙ୍କ ପକେଟରୁ ପାଞ୍ଚ ହଜାର ଫ୍ରାଙ୍କ୍ ବାହାରିଲା । ସେ ସେହି ଟଙ୍କାକୁ ଚାନ୍ଦାରେ ପୈଠ କିରଦେଲେ ଏବଂ କହିଲେ ମୋ ନିକଟରେ ବର୍ତ୍ତମାନ ମୋଟ୍ ଏତିକି ହିଁ ଟଙ୍କା ରହିଛି । ସେ କୁହନ୍ତି ଯେ, ଚାନ୍ଦା ପୈଠ କରିବାର ପାଞ୍ଚ ଦିନ ପରେ ତାଙ୍କୁ ଏକ ମାଇନିଂ କମ୍ପାନୀ ପକ୍ଷରୁ ଚାକିରୀର ଅଫର ମିଳିଲା । ଅର୍ଥାତ ସେ ସେହି କମ୍ପାନୀରେ ଚାକିରୀ ପାଇଁ ଆବେଦନ ମଧ କରି ଥିଲେ ଓ ଅଲ୍ଲାଃତାଲାଙ୍କ କୃପାରୁ ପାଞ୍ଚ ଲକ୍ଷ ଫ୍ରାଙ୍କ୍ ମାସିକ ବେତନ ଆକାରରେ ତାଙ୍କୁ ଚାକିରୀ ଖଣ୍ଡିଏ ମିଳିଗଲା। ସେ କୁହନ୍ତି ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ମୁଁ ଯେଉଁ ସାଧାରଣ ବଳିଦାନ ଦେଇଥିଲି ଅଲ୍ଲାଃତାଲା ନିଜର ପ୍ରତିଶୃତି ମୁତାବକ ଅନେକ ଗୁଣା କରି ମୋତେ ଏହି ଟଙ୍କା ପ୍ରଦାନ କରିଛନ୍ତି ।

ହୁଜୁର ଅନ୍‌ୱର୍[ଅ.ବ] କହିଲେ, ପୁନଶ୍ଚ **ନେଇଜିରିୟାର** ଘଟଣା ରହିଛି । ନାଇଜିରିୟାର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ନାଇଜିରିୟା ଅନ୍ତର୍ଗତ କାନୋଷ୍ଟେଟ୍‌ର ଜଣେ ଅହମଦି ବନ୍ଧୁ ଅଟନ୍ତି । ସେ କୁହନ୍ତି ଯେ, ମୁଁ ବିଗତ ତିନି ବର୍ଷ ଧରି ଚିନ୍ତିତ ଥିଲି । ମୋ ମନ ଭିତରେ ଏହି ଧାରଣା ଆସିଲା ଯେ, ମୁଁ କାହିଁକି ନିଜର ସାମର୍ଥ୍ୟାନୁଯାୟୀ ପୁନଃ ଚାନ୍ଦା ଦେବା ଆରମ୍ଭ କରି ନଦେବି ? ଜବ୍ ନଥିଲା ଚାନ୍ଦା ଦେବା ବନ୍ଦ କରିଦେଇଥିଲି । ତେଣୁ ମୋ ନିକଟରେ ଯାହା ଥିଲା ତଦନୁଯାୟୀ ମୁଁ ଚାନ୍ଦା ଦେବା ଆରମ୍ଭ କିରଦେଲି । ମୁବଲ୍ଲିଗ୍ ସାହେବ କୁହନ୍ତି, ଗତ ବର୍ଷ ଜୁନ୍ ମାସରୁ ସେହି ଅହେମଦି ବନ୍ଧୁ ଚାନ୍ଦା ଦେବା ଆରମ୍ଭ କରିଦେଲେ । ସେହି ଅହେମଦି ବନ୍ଧୁ ମୁବଲ୍ଲିଗ୍ ସାହେବଙ୍କୁ କୁହନ୍ତି ଯେ, ବର୍ତ୍ତମାନ ତିନି ମାସ ବିତି ନଥିଲା କି ମୋତେ ଜଣେ ବନ୍ଧୁ ଯୋଗାଯୋଗ କଲେ ଯେ, ଏକ କମ୍ପାନୀକୁ ଜଣେ ମାର୍କେଟିଂ ପାଇଁ ଜଣେ ପ୍ରାର୍ଥୀର ଆବଶ୍ୟକତା ରହିଛି । ଏହିପରି ଭାବରେ ସେହି କମ୍ପାନୀ ମୋତେ ଚାକିରୀରେ ରଖିନେଲା ଓ ସେହି କମ୍ପାନୀର ଏହି ଶୈଳୀର ପ୍ରଥମ କଣ୍ଟ୍ରାକ୍ଟ ଥିଲା । ଅହେମଦି ବନ୍ଧୁ କୁହନ୍ତି ଯେ, ମୋର ବିଶ୍ୱାସ ହୋଇଗଲା ଯେ, ମୋତେ ଯେଉଁ ଏତେ ଦିନ ପରେ ଚାକିରୀଟିଏ ମିଳିଲା ଅବା ମୋତେ ବ୍ୟବସାୟ ବା କାମ ମିଳିଲା ତାହା ଏହି ଚାନ୍ଦା ଦେବାର କଲ୍ୟାଣ ଯୋଗୁଁ ହିଁ ପ୍ରାପ୍ତ ହୋଇଛି ।

ହୁଜୁର ଅନ୍‌ୱର୍[ଅ.ବ] କହିଲେ, **ସେଣ୍ଟ୍ରାଲ୍ ଆଫ୍ରିକାର** ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ସେଣ୍ଟ୍ରାଲ୍ ଆଫ୍ରିକାର ଜଣେ ନବଦୀକ୍ଷିତ ବ୍ୟକ୍ତି କୁହନ୍ତି ଯେ, ଗତ ବର୍ଷ ମୁଁ ଯେତେବେଳେ ଜମାଅତ୍‌ରେ ପ୍ରବିଷ୍ଟ ହେଲି ସେତବେଳେ ମୋର ଚାରିତ୍ରିକ ଆଚରଣ ଓ ଆଧାତ୍ମିକ ଅବସ୍ଥାରେ ପରିବର୍ତ୍ତନ ଦେଖା ଦେବା ଆରମ୍ଭ ହେଲା। ହୁଜୁର ଅନ୍‌ୱର୍[ଅ.ବ] କହିଲେ ଏହା ମଧ ଚର୍ଚ୍ଚା ତଥା ଉଲ୍ଲେଖଯୋଗ୍ୟ କଥା ଯେ, ମହୋଦୟ ନବଦୀକ୍ଷିତ କେବଳ ଜମାଅତ୍‌ରେ ସାମିଲ୍ ହେଲେ ନାହିଁ ବରଂ ନିଃସନ୍ଦେହ ରୂପେ ସେ ଏଥିପାଇଁ ନିଜର ଅବସ୍ଥାକୁ ପରିବର୍ତ୍ତନ କରିବା ପାଇଁ ପ୍ରୟାସ ମଧ କରିଥିବେ ଏବଂ ଅଲ୍ଲାଃତାଲାଙ୍କ କୃପା ମଧ ତାଙ୍କ ଉପରେ ହୋଇଥିବ କି ସେ ସ୍ୱୟଂ ଅନୁଭୂତ କଲେ ଯେ, ମୋର ଆଧାତ୍ମିକ ଓ ଚାରିତ୍ରିକ ଅବସ୍ଥାରେ ପରିବର୍ତ୍ତନ ପରିଲକ୍ଷି ହେଉଅଛି । ମହୋଦୟ ପୁନଶ୍ଚ କୁହନ୍ତି ଯେ, ଯେତେବେଳେ ମୁବଲ୍ଲିଗ୍ ସାହେବ ଦିନେ ମୋତେ ୱକ୍‌ଫେ ଜଦିଦ୍‌ର ଚାନ୍ଦା ଦେବା ପାଇଁ ଆହ୍ୱାନ ଜଣାଇଲେ । କାରଣ ବର୍ଷ ଶେଷ ହେବାକୁ ଯାଉଛି ଓ ଚାନ୍ଦା ଦେବା ଉଚିତ୍ । ମୁବଲ୍ଲିଗ୍ ସାହେବ କୁହନ୍ତି ମହାଶୟ ଆପଣ କମ୍ ଚାନ୍ଦା ଦିଅନ୍ତୁ କିଛି କଥା ନାହିଁ । ସୁତରାଂ ସେହି ମହୋଦୟ କୁହନ୍ତି ଯେ, ମୁଁ ଚାନ୍ଦାର ରସିଦ୍ କାଟିଲି ଓ ସେହି ସମୟରୁ ନେଇ ଆଜି ପର୍ଯ୍ୟନ୍ତ ମୋର କାର୍ଯ୍ୟରେ ବହୁତ କଲ୍ୟାଣ ପଡ଼ିଛି। ଅଲ୍ଲାଃତାଲାଙ୍କ ବିଶେଷ କୃପା ମୋ ଉପରେ ଅବତୀର୍ଣ୍ଣ ହେଲା । ମୁଁ ବର୍ତ୍ତମାନ ଆଉ ଖାଲି ବସୁ ନାହିଁ । ପୂର୍ବେ ଅନେକ ଦିନ ପର୍ଯ୍ୟନ୍ତ ଗ୍ରାହକମାନେ ଦୋକାନକୁ ଆସୁ ନଥିଲେ । ବର୍ତ୍ତମାନ ପ୍ରତ୍ୟେକ ଦିନ ଗ୍ରାହକମାନେ ମୋ ଦୋକାନକୁ ଆସୁଛନ୍ତି ଓ ଅଲ୍ଲାଃତାଲାଙ୍କ କୃପାରୁ ବେପାର ବହୁତ ଭଲ ଚାଲିଛି ଦି ପଇସା ରୋଜଗାର କରି ନେଉଛି ଏବଂ ଏହାର କଳ୍ପନା ମୁଁ ପୂର୍ବେ କେବି ସ୍ୱପ୍ନରେ ସୁଦ୍ଧା ଭାବିପାରୁ ନଥିଲି ।

ହୁଜୁର ଅନ୍‌ୱର୍[ଅ.ବ] କହିଲେ, **କାରା** ଅଞ୍ଚଳ ଅନ୍ତର୍ଗତ **ଆବାଗାଜି (Abagagiର** ମୁବଲ୍ଲିଗ୍ ସିଲ୍‌ସିଲା ଆରିଫ୍ ସାହେବ କୁହନ୍ତି ଯେ, ଜଣେ ମହାଶୟ ଅଟନ୍ତି ତାଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିଲା । ୱକ୍‌ଫେ ଜଦିଦ୍‌ର ଶେଷ ମାସ ଚାଲିଥିଲା । ସେଥିପାଇଁ ସେ ଚିନ୍ତିତ ଥିଲେ ଯେ, ଚାନ୍ଦା କିପରି ପୈଠ କରିବି ? ପୁନଶ୍ଚ ମୋ ମସ୍ତିଷ୍କରେ ଏହି ଧାରଣାଟି ଆସିଲା ଯେ, ଘରେ ଏକ

ଛୋଟିଆ ବାଛୁରିଟିଏ ଅଛି ଯାହାକୁ ମୁଁ ଅନ୍ୟ ଏକ ଉଦ୍ଦେଶ୍ୟରେ ରଖିଥିଲି । ମୁଁ ବର୍ତ୍ତମାନ ସେହି ବାଛୁରୀଟିକୁ ବିକ୍ରି କରି ନିଜର ଚାନ୍ଦା ପୈଠ କିରଦେଉଛି । ଘରେ କେବଳ ଗୋଟିଏ ଜିନିଷ ରହିଛି ଆଉ କିଛି ନାହିଁ । ତାହାକୁ ହିଁ ବିକ୍ରି କରି ଚାନ୍ଦା ପୈଠ କରିଦେବି । ସେ କୁହନ୍ତି ଯେ, ମୁଁ ନିୟତ୍ (ଅନ୍ତର୍ନିହିତ ଉଦ୍ଦେଶ୍ୟ ବା ମନସ୍ଥ) କରିଥିଲି ଯେ, ଦିନେ ମିଶ୍ନାରୀ ସାହେବ ଚାନ୍ଦା ନେବା ପାଇଁ ଆସିଗଲେ । ସେହି ଦିନ ଜଣେ ବ୍ୟକ୍ତି ମୋ ଠାରୁ ଧାର ଟଙ୍କା ନେଇ ନେଇଥିଲା ଓ ଫେରସ୍ତ କରିବାର କୌଣସି ବାଟ ଦିଶୁ ନଥିଲା । ସହି ବ୍ୟକ୍ତି ବି ସେହି ଦିନ ଟଙ୍କା ଫେରସ୍ତ କରିବା ପାଇଁ ଆସିଗଲା। ସୁତରାଂ ସେହି ମହାଶୟ କୁହନ୍ତି ଯେ,ମୁଁ ସମସ୍ତ ଟଙ୍କା ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ପୈଠ କରିଦେଲି । ଅଲ୍ଲାଃତାଲା ଏହିପରି ଭାବରେ ମୋତେ ଅଦୃଷ୍ଟରୁ ସାହାଯ୍ୟ କରିଦେଲେ । ପୁଣ୍ୟ କରିବାର ଇଚ୍ଛା ପ୍ରକାଶ କଲି ଓ ତାହା ଉପରେ କାର୍ଯ୍ୟାନୁସରଣ କରିବା ପୂର୍ବରୁ ହିଁ ଅଲ୍ଲାଃତାଲା ମୋ ପାଇଁ ବ୍ୟବସ୍ଥା କରିଦେଲେ । ହୁଜୁର ଅନୱର୍ ଅ.ବ କହିଲେ ପ୍ରିୟ ବସ୍ତୁ ଈଶ୍ୱରଙ୍କ ମାର୍ଗରେ ବଳିଦାନ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିବା ଦ୍ୱାରା ଅଲ୍ଲାଃତାଲା ତାହା ପୂର୍ବରୁ ହିଁ ପୁରସ୍କୃତ କରିଦେଲେ । କାରଣ ସେ ଅନ୍ତର୍ଯାମୀ ଅଟନ୍ତି ।

ହୁଜୁର୍ ଅନୱର୍ ଅ.ବ କହିଲେ, **ମାର୍ଶଲ୍ ଆଇ ଲ୍ୟାଣ୍ଡର** ମିଶ୍ନାରୀ ଇନ୍‌ଚାର୍ଜ ସାଜିଦ୍ ଇକ୍‌ବାଲ୍ ସାହେବ କୁହନ୍ତି ଯେ, ଏଠାକାର ଲୋରେନ୍ (Loreen) ନାମକ ଜନୈକା ମହିଳା ସାହେବା କହୁନ୍ତି ଯେ, ଆର୍ଥିକ ବଳିଦାନ କରିବା ଯୋଗୁଁ ଅଲ୍ଲାଃତାଲା ମୋ ଉପରେ ଓ ମୋର ପରିବାବର୍ଗ ଉପରେ ଏତେ କୃପା କରିଛନ୍ତି । ପୂର୍ବେ ଆମେ ଆର୍ଥିକ ବଳିଦାନରେ ଅଂଶ ଗ୍ରହଣ କରୁ ନଥିଲୁ। କାରଣ ଆମମାନଙ୍କର ବିଶ୍ୱାସ ନଥିଲା ଯେ, ଆର୍ଥିକ ବଳିଦାନ ବଦଳରେ ଅଲ୍ଲାଃତାଲା ଆମମାନଙ୍କୁ ଏତେ କଲ୍ୟାଣ ପ୍ରଦାନ କରିପାରିବେ । ସେତେବେଳେ ଆମମାନଙ୍କର ଅର୍ଥାଭାବର ସମସ୍ୟା ରହିଥିଲା । ଖାଦ୍ୟ ପେୟର ସାମଗ୍ରୀ କିଣିବା ନିମନ୍ତେ ଆମ ନିକଟରେ ପଇସା ମଧ୍ୟ ନଥିଲା । ଘରର ଖର୍ଚ୍ଚ ପୂରଣ କରିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । କିନ୍ତୁ ମୁଁ ଯେତେବେଳେ ମସ୍‌ଜିଦ୍‌ରୁ ଆର୍ଥିକ ବଳିଦାନ ସଂପର୍କରେ ଖୁତ୍‌ବା ଶୁଣିଲି ଓ ବିଚାର କଲି ଯେ, ଆର୍ଥିକ ବଳିଦାନରେ ଅବଶ୍ୟ ଭାଗ ନେବା ଉଚିତ୍ । ସୁତରାଂ ଉକ୍ତ ମହିଳା ଜଣକ କୁହନ୍ତି ଯେ, ଆମେମାନେ ବଳିଦାନ ଦେବା ଆରମ୍ଭ କିରଦେଲୁ, ଚାନ୍ଦା ଦେବା ଆରମ୍ଭ କରିଦେଲୁ । ବର୍ତ୍ତମାନ ଅଲ୍ଲାଃତାଲାଙ୍କର ଏତିକି କୃପା ଯେ, ଘରର ଆବଶ୍ୟକତା ପୂରଣ ହୋଇଯାଉଛି । ଖାଇବା ପିଇବାରେ ମଧ୍ୟ କୌଣସି ଅସୁବିଧା ସୃଷ୍ଟି ହେଉ ନାହିଁ କି କୌଣସି ଅଭାବ ମଧ୍ୟ ଦେଖା ଦେଉ ନାହିଁ । ଅନେକ ଥର ଏପରି ମଧ୍ୟ ହୋଇଛି ଯେ, ଏମିତି ଏମିତି ସ୍ଥାନରୁ ଆମ ନିକଟକୁ ଅର୍ଥ ଆସିଯାଇଥାଏ ଯେ, ଯାହା ସଂପର୍କରେ ଆମେ କଳନା ମଧ୍ୟ କରି ନଥାଉ । ଆମେମାନେ ଯେତେ ବି ବଳିଦାନ ଦେଉ ପଛେ ଅଲ୍ଲାଃତାଲା ଆମକୁ ଅଭିବୃଦ୍ଧି କରି ପ୍ରଦାନ କରିଥାନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଲୋକମାନଙ୍କ ମନରେ ଏହିପରି ବିଶ୍ୱାସ ଏବଂ ଆସ୍ଥା ସୃଷ୍ଟି କରିଥାଆନ୍ତି ତଥା ସେମାନଙ୍କ ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରନ୍ତି ।

ଭାରତର ତାମିଲନାଡୁ ରାଜ୍ୟର ମେଲାପାଲାମ୍ ଜିଲ୍ଲା ଅନ୍ତର୍ଗତ ୱକ୍‌ଫେ ଜଦିଦ୍‌ର ଜଣେ ଇନ୍‌ସ୍ପେକ୍ଟର କୁହନ୍ତି ଯେ, ମେଲାପାଲାମ୍‌ର ଜଣେ ନୈଷ୍ଠିକ ଅହେମଦି ଯେକି ୨୦୧୪ ମସିହାରେ ବୈଅତ୍ କରିଥିଲେ ଓ ଜମାଅତ୍ ଅହେମଦିୟାରେ ସାମିଲ୍ ହେବା ନିମନ୍ତେ ମୋତେ ସାମର୍ଥ୍ୟ ପ୍ରାପ୍ତ ହେଲା, ସେ କୁହନ୍ତି ଯେ, ମୁଁ ଯେତେବେଳେ ବୈଅତ୍ କରିଥିଲି ସେତେବେଳେ ମୁଁ ନିଜର ୱକ୍‌ଫେ ଜଦିଦ୍‌ର ୱାଦା (ପ୍ରତିଶୃତ ଚାନ୍ଦା) ୪୦୦୦ ଟଙ୍କା ଲେଖାଇ ଦେଇ ସାଙ୍ଗେସାଙ୍ଗେ ପୈଠ କରି ଦେଇଥିଲି । କାରଣ ମୋ ପାଖରେ ସେତିକି ହିଁ ସାମର୍ଥ୍ୟ ଥିଲା । କିନ୍ତୁ ପୁଣି ପ୍ରତ୍ୟେକ ବର୍ଷ ଯଥା ସାମର୍ଥ୍ୟ ମୋର ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ଘଟିଲା ଏବଂ ଏହି ଚାନ୍ଦା ଦେବା କାରଣରୁ ବ୍ୟବସାୟରେ ମଧ୍ୟ ଅଲ୍ଲାଃତାଲା ମୋତେ ଉନ୍ନତି ପ୍ରଦାନ କରି ଚାଲିଲେ । ପୁନଶ୍ଚ କିଛି ବର୍ଷ ପରେ ମୋ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ବୈଅତ୍ କରିନେଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଆଜି ମୋର ୱକ୍‌ଫେ ଜଦିଦ୍‌ର ଚାନ୍ଦା ପାଞ୍ଚ ଲକ୍ଷ ଟଙ୍କା ହୋଇଯାଇଛି । ବିଗତ ବର୍ଷର ରମ୍‌ଜାନ ମାସରେ ନିଜର ପାଞ୍ଚ ଲକ୍ଷ ଟଙ୍କା ସେ ସଂପୂର୍ଣ୍ଣ ପୈଠ କିର ଦେଇଥିଲେ। ସେ କୁହନ୍ତି ଯେ, ଲକ୍ ଡାଉନ୍ ହେବା ସତ୍ତ୍ୱେ ମୋର ଚାନ୍ଦା ଦେବା ଯୋଗୁଁ ଏବଂ ଚାନ୍ଦାର କଲ୍ୟାଣ ଯୋଗୁଁ ମୋର ବ୍ୟବସାୟରେ ମଧ୍ୟ ମୋତେ କୌଣସି କ୍ଷତି ସହ୍ୟ କରିବାକୁ ପଡ଼ିଲା ନାହିଁ । ବରଂ ଅତିରିକ୍ତ ଅଭିବୃଦ୍ଧି ହୋଇ ଚାଲିଲା ଏବଂ ଅଲ୍ଲାଃତାଲାଙ୍କ କୃପାରୁ ବର୍ତ୍ତମାନ ମୋର ବାଣିଜ୍ୟ ବ୍ୟବସାୟ ଭାରତରୁ ବାହାରି ଥାଇଲାଣ୍ଡରେ ପ୍ରସାରିତ ହୋଯାଇଛି । ହୁଜୁର ଅନୱର୍ ଅ.ବ କହିଲେ, ଏହା ହେଉଛି ଅଲ୍ଲାଃତାଲାଙ୍କ କୃପା, ଏହା କୌଣସି ଜୁଆଡ଼ି ଜନିତ ବ୍ୟବସାୟ ନୁହେଁ । ଯହିଁରେ ଅର୍ଥ ବିନିଯୋଗ କରାଯାଇଛି, ପରିଶ୍ରମ କରାଯାଇଛି, ବ୍ୟବସାୟ ମଧ୍ୟ କଲି । ସୁତରାଂ ଅଲ୍ଲାଃତାଲା ଅନେକ ଗୁଣା ଅଭିବୃଦ୍ଧି କରି ମୋତେ ଫେରସ୍ତ କଲେ ।

ପୁନଶ୍ଚ **ଭାରତରୁ** ଆଉ ଏକ ଉଦାହରଣ ରହିଛି ଯେ, ମାଲ୍ଲା ପୁରମ କେରଳରୁ ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କଲେ ଯେ, ନାଜିମ୍ ସାହେବ ମାଲ୍ ଓ ଇନ୍‌ସ୍ପେକ୍ଟର ସାହେବ ୱକ୍‌ଫେ ଜଦିଦ୍ ଆର୍ଥିକ ବର୍ଷର ପରିସମାପ୍ତି ଅବସରରେ ଜମାଅତ୍‌ମାନଙ୍କର ଗସ୍ତ କରୁଥିଲେ । ସେଠାରେ ନୈଷ୍ଠିକ ଅହେମଦି ବ୍ୟବସାୟୀ ରହେମାନ୍ ସାହେବଙ୍କର ଫୋନ ଆସିଲା ଯେ, ଆପଣ ମୋ କମ୍ପାନୀକୁ ଆସି ଯାଆନ୍ତୁ । ମୁଁ ନିଜ କମ୍ପାନୀରେ ଏକ ନୂତନ ବିଭାଗ ସ୍ଥାପନ କରିଛି । ତେଣୁ ଦୁଆ କରାଇବି । ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ମୁଁ ଯେତେବେଳେ ସେଠାକୁ ଗଲି ଏବଂ ପଚାରିବାରୁ ସେ ୧୦ ଲକ୍ଷ ଟଙ୍କାର ଚେକ୍ ମୋତେ ପ୍ରଦାନ କଲେ । ସେହିପରି ଗସ୍ତ ନିମନ୍ତେ ନିଜର ବଡ଼ ଚାରି ଚକିଆ ଯାନରେ ପେଟ୍ରୋଲ୍ ପକାଇ ଦେଇଦେଲେ । ମୁବଲ୍ଲିଗ୍ ସାହେବ କୁହନ୍ତି ଆମେ ତାଙ୍କୁ କହିଲୁ ବି ଯେ, ମହୋଦୟ ଛୋଟ ବାହାନ ଠିକ୍ ଅଛି ଆମେ ସେଇଥିରେ ଚାଲିଯିବୁ । ସେ କହିଲେ ନାହିଁ । ରହେମାନ୍ ସାହେବ କୁହନ୍ତି ଯେ, ଏହି ଟଙ୍କା ମୁଁ ନିଜର ଏକ ପୁରୁଣା ସମ୍ପତ୍ତିର ରେଜିଷ୍ଟ୍ରି ପାଇଁ ରଖିଥିଲି । କିନ୍ତୁ ଆପଣଙ୍କ ଆଗମନ ଯୋଗୁଁ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଏହି ଟଙ୍କା ପୈଠ କରି ଦେଇଛି ଓ ରେଜିଷ୍ଟ୍ରିର ତାରିଖକୁ ଆଗକୁ ଘୁଞ୍ଚାଇ ଦେଇଛି । କିଛି ଦିନ ପରେ ମହୋଦୟ ରହେମାନ ସାହେବ କୁହନ୍ତି ଯେ, ତାଙ୍କୁ ବିନା ପରିଶ୍ରମରେ ବିପୁଳ ପରିମାଣର ଟଙ୍କା ପ୍ରାପ୍ତ ହୋଇଗଲା ଯାହାକି ମହୋଦୟଙ୍କ ଆବଶ୍ୟକତା ଠାରୁ ବହୁ ଗୁଣା ଥିଲା । ଅର୍ଥାତ ଦଶ ଲକ୍ଷରୁ ଅଧିକ ଟଙ୍କା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ମରେଶିୟସରୁ** ମିସ୍ ଶବ୍‌ରେଜ୍ ସାହେବା ନାମକ ଜଣେ ମହିଳା ଅଟନ୍ତି, ସେ କୁହନ୍ତି ମୋତେ ଅଭିଭାବକଙ୍କ ପକ୍ଷରୁ ବିବାହ ବାର୍ଷିକୀରେ ଉପହାର ସ୍ୱରୂପ କିଛି ଟଙ୍କା ମିଳିଥିଲା । ମୁଁ ତେହରିକେ ଜଦିଦ୍ ଓ ୱକ୍‌ଫେ ଜଦିଦ୍‌ରେ ପାଞ୍ଚ ଶହ ପାଞ୍ଚ ଶହ ଟଙ୍କା ଦେବା ନିମନ୍ତେ ସ୍ଥିର କଲି । ମୁଁ ଏହି ଟଙ୍କାକୁ ଏକ ଲଫାଫାରେ ରଖିଥିଲି । ମୁଁ ସେତେବେଳେ ଅସୁସ୍ଥତା ଅବସ୍ଥା ଦେଇ ଗତି କରୁଥିଲି । ସେହି ସମୟରେ ମୋର ଜଣେ ଚଚା ଓ ମୋର ଚଚା ଝିଅ ଭଉଣୀ ମୋତେ ଭେଟିବାକୁ ଆସିଲେ । ଦୁହେଁ ମୋତେ ଲଫାଫା ଦେଲେ ଓ ପ୍ରତ୍ୟେକ ଲଫାଫାରେ ପାଞ୍ଚ ପାଞ୍ଚ ହଜାର ଟଙ୍କା ଥିଲା । ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଗଲି ଯେ, ଅଲ୍ଲାଃତାଲା ମୋତେ ଏହାଠୁ ବି ଅଧିକ ପୁରସ୍କାର ପ୍ରଦାନ କରିଦେଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ ପୁନଶ୍ଚ ଜର୍ଜିଆର ଘଟଣା ରହିଛି । ଜର୍ଜିଆରେ ସଦର୍ ଜମାଅତ୍ କୁହନ୍ତି ଯେ, ମୁହମ୍ମଦ୍ ଅବୁ ଜମାଦ୍ ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି । ସେ ପାଲେଷ୍ଟାଇନ୍‌ର ନାଗରିକ ଅଟନ୍ତି । ସେ ଜର୍ଜିଆରେ ଜଣେ ମେଡ଼ିକାଲ ଛାତ୍ର ରୂପେ ଅଧ୍ୟୟନରତ ଅଟନ୍ତି । ତିନି ବର୍ଷ ପୂର୍ବେ ସେ ବୈଅତ୍ କରିଥିଲେ । ଜମାଅତ୍ ଦଶ ଦିବସୀୟ ୱକ୍‌ଫେ ଜଦିଦ୍‌ର ସେମିନାର୍ (ଆଲୋଚନାଚକ୍ର) ଆୟୋଜିତ କରିଥିଲା ଯେ, ଅଲ୍ଲାଃତାଲାଙ୍କ ମାର୍ଗରେ ଏହିପରି ଖର୍ଚ୍ଚ କରିବା ଉଚିତ । ତେବେ ସେହି ଛାତ୍ରେ ଜଣକ କୁହନ୍ତି ଯେ, ମୋ ନିକଟରେ ସେତେବେଳେ ପ୍ରାୟ ତିନି ଶହ ଡଲାର ଥିଲା । ମୁଁ ଏହି ନିଷ୍ପତ୍ତି ନେଲି ଯେ, ମୁଁ

ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ତହିଁରୁ ଅଧା ପଇସା ୱକ୍‌ଫେ ଜଦିଦ୍‌ରେ ଦେଇ ଦେବି । କାରଣ ମୋତେ ସେହି ଆୟତ୍ ମନେପଡୁଛି । قَدْ أَفْلَحَ مَنْ زَكّٰىهَا **(ଅଶ୍ ଶମଶ୍:10)** ଅର୍ଥାତ ସେହି ବ୍ୟକ୍ତି ସାଫଲ୍ୟ ମଣ୍ଡିତ ହୋଇଗଲା ଯିଏ ପବିତ୍ରତା ଅବଲମ୍ବନ କଲା । ସୁତରାଂ ଚାନ୍ଦା ପୈଠ କରିବା ଓ ଦୈନିକ ଖର୍ଚ୍ଚ କରିବା ପରେ ମୋ ବ୍ୟାଙ୍କ ଆକାଉଣ୍ଟ୍‌ରେ ମାସ ଶେଷରେ କେବଳ ଦୁଇ ଡଲାର ରହିଯାଇଥିଲା । ଏ ହେଉଛନ୍ତି ଜଣେ ଛାତ୍ର । ଡିସେମ୍ବର ମାସର ଶେଷରେ ପାଲେଷ୍ଟାଇନ୍‌ରୁ ମୋର ସଂପର୍କୀୟମାନେ ଜର୍ଜିଆ ଆସୁଥିଲେ । ତେଣୁ ମୁଁ ଏହି କଥା ପାଇଁ ଚିନ୍ତିତ ଥିଲି ଯେ, ସେମାନଙ୍କର ଅତିଥି ସତ୍କାର ମୁଁ କିପରି କରିବି ? କିନ୍ତୁ ଯେଉଁ ଦିନ ଅତିଥି ଆସିଲେ ସେହି ଦିନ ଅଲ୍ଲାଃତାଲା ନିଜର ବିଶେଷ କୃପା ଦ୍ୱାରା ବ୍ୟାଙ୍କ ଆକାଉଣ୍ଟ୍‌ରେ କୌଣସି ମାଧ୍ୟମରୁ ଏକ ହଜାର ଡଲାର ଟ୍ରାନ୍‌ସ୍‌ଫର କରାଇ ଦେଲେ । ଛାତ୍ର ଜଣକ କୁହନ୍ତି ଯେ, ମୁଁ ଏଥିପାଇଁ ଅଲ୍ଲାଃତାଲାଙ୍କର ସର୍ବଦା କୃତଜ୍ଞତା ଜ୍ଞାପନ କରୁଛି ଏବଂ ଏହାକୁ ଚାନ୍ଦାର କଲ୍ୟାଣ ବୋଲି ଭାବୁଛି ।

ଚିନ୍ତାଯୋଗ୍ୟ ବିଷୟ ଏହିକି ଯେ, ସାଂସାରିକ ବ୍ୟକ୍ତି ଆଉ କିଛି ଭାବିଥାଏ । କିନ୍ତୁ ଜଣେ ଧାର୍ମିକ ବ୍ୟକ୍ତି ଏହା ହିଁ ଚିନ୍ତା କରିପାରେ ଯେ, ଅଲ୍ଲାଃତାଲାଙ୍କ କୃପା , ତାହାଙ୍କ ମାର୍ଗରେ ଖର୍ଚ୍ଚ କରିବା ଯୋଗୁଁ ହିଁ ହେଉଛି ।

ହୁଜୁର ଅନ୍‌ୱର୍[ଅ.ବ] କହିଲେ, କେନିୟାରେ ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ତାଙ୍କ ଜମାଅତ୍‌ରେ ଖଦିଜା ସାହେବା ନାମକ ଜଣେ ନବଦୀକ୍ଷିତ ମହିଳା ଅଟନ୍ତି, ସେ ନର୍ସେରୀ ବିଦ୍ୟାଳୟରେ ଶିକ୍ଷୟତ୍ରୀ ଅଟନ୍ତି । ବର୍ଷ ପ୍ରାରମ୍ଭରେ ହିଁ ସେ ନିଜର ୱକ୍‌ଫେ ଜଦଦ୍‌ର ଚାନ୍ଦା ପାଞ୍ଚଶହ ଶିଲଙ୍ଗ୍ ଲେଖାଇଥିଲେ ଏବଂ ପୈଠ ମଧ୍ୟ କରିଦେଲେ । ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ମୁଁ ମହୋଦୟାଙ୍କୁ ରସିଦ୍ ଦେବା ନିମନ୍ତେ ବିଦ୍ୟାଳୟକୁ ଗଲି । ତେବେ ତା' ପର ଦିନ ସେ ମୋ ଘରକୁ ଆସିଲେ ଓ ମୋର ପତ୍ନୀଙ୍କୁ କହିଲେ ଯେ, ଅତିରିକ୍ତ ପାଞ୍ଚଶହ ଟଙ୍କା ଚାନ୍ଦା ମୁଁ ସେହି ପାଣ୍ଠିରେ ପୈଠ କରିବାକୁ ଚାହୁଁଛି । ସେହି ମହିଳା ଜଣକ କୁହନ୍ତି ଯେ, ମୋର ମୋଟ୍ ଚାନ୍ଦା ଏକ ହଜାର ଶିଲଙ୍ଗ୍ ହୋଇଗଲା । ମୁଁ ଏହି ଚିନ୍ତାଧାରା ରଖି ଚାନ୍ଦା ପୈଠ କରୁଛି ଯେ, ଅଲ୍ଲାଃତାଲା ଅତିରିକ୍ତ କଲ୍ୟାଣ ପ୍ରଦାନ କରନ୍ତୁ। **ଆମିନ୍** । ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ମୁଁ ଯେତେବେଳେ ଘରକୁ ଆସିଲି ସେତେବେଳେ ମୋର ପତ୍ନୀ ମୋତେ ସମସ୍ତ ବୃତ୍ତାନ୍ତ ଶୁଣାଇଲେ । ଏହାପରେ ମୁଁ ରସିଦ୍ କାଟିଲି । ସୁତରାଂ ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ମୁଁ ଯେତେବେଳେ ମହାଶୟାଙ୍କୁ ରସିଦ୍ ଦେବା ପାଇଁ ତାଙ୍କ ଘରକୁ ଗଲି ସେତେବେଳେ ସେ କହିଲେ ଯେ, ମୋର ଏକ ପୁତ୍ର କଲେଜରେ ଅଧ୍ୟୟନରତ ଅଛି, ତା'ର ପାଠ ପଢାର ଖର୍ଚ୍ଚ ସକାଶେ ମୁଁ ଛାତ୍ରବୃତ୍ତି ଆବେଦନ କରିଥିଲି କିନ୍ତୁ ତାହା ମଞ୍ଜୁର ହୋଇପାରୁ ନଥିଲା । କିନ୍ତୁ ଆଜି ମୋତେ କଲେଜ ତରଫରୁ ଫୋନ୍ ଆସିଲା ଯେ, ସେହି ଖର୍ଚ୍ଚ ଯାହାକି ୩୦,୦୦ ଶିଲଙ୍ଗ୍ ଥିଲା ଏବଂ ତାହା ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ଆକାଉଣ୍ଟ୍‌ରେ ଜମା ହୋଇଯାଇଛି । ସେ କୁହନ୍ତି ଏକଥା ଶୁଣି ମୋତେ ବହୁତ ଆଶ୍ୱସ୍ତ ଅନୁଭବ ହେଲା ।

**ଇଣ୍ଡୋନେସିଆର** ଅମୀର୍ ସାହେବ କୁହନ୍ତି ଯେ, ଅବ୍‌ଦୁର୍ ରହିମ ସାହେବ ନାମକ ଜଣେ ନୈଷ୍ଠିକ ଜମାଅତ୍‌ର ସଦସ୍ୟ କୁହନ୍ତି ଯେ, ମୁଁ ପ୍ରତ୍ୟେକ ବର୍ଷ ୱକ୍‌ଫେ ଜଦିଦ୍‌ରେ କରିଥିବା ୱାଦା ପୈଠ କରିଦିଏ । ମୋ ପାଇଁ ୨୦୧୯ ଓ ୨୦୨୦ ମସିହା ଅତ୍ୟନ୍ତ କଷ୍ଟଦାୟକ ବର୍ଷ ଥିଲା । କାରଣ ସେହି ବର୍ଷ ମୋତେ ଚାକିରୀ ଖଣ୍ଡେ ମଧ୍ୟ ମିଳିପାରି ନଥିଲା । ମହୋଦୟ କୁହନ୍ତି ଯେ, କିଛି ସମୟ ପରେ ମୁଁ କାର୍ଯ୍ୟରୁ ଇସ୍ତଫା ଦେଇଦେଲି ଏବଂ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ଉଦ୍ୟମ କଲି । କିନ୍ତୁ ତହିଁରେ ମଧ୍ୟ ମୁଁ ସଫଳ ହେଲି ନାହିଁ । ଯାହାକିଛି ମୁଁ ସଞ୍ଚୟ କିରଥିଲି ତାହା ମଧ୍ୟ କ୍ରମଶଃ ଶେଷ ହେବାକୁ ଲାଗିଲା ଆଉ ୱକ୍‌ଫେ ଜଦିଦ୍‌ର ବର୍ଷ ମଧ୍ୟ ଶେଷ ହେବାକୁ ଯାଉଥିଲା । ଚାନ୍ଦା ଦେବା ନିମନ୍ତେ ମୁଁ ଯେଁଉ ୱାଦା ଲେଖାଇଥିଲି ତାହାର ପୈଠ କରିବାର କୌଣସି ବାଟ ମଧ୍ୟ ଦିଶୁ ନଥିଲା । ଚାକିରୀ ମିଳିବା ମଧ୍ୟ କଷ୍ଟସାଧ୍ୟ ହେଉଥିଲା । କାରଣ ମୋର ବୟସ ୫୧ ଅଟେ । ଏହି ପରିଣିତି ବୟସରେ ଅତି କଷ୍ଟରେ ଚାକିରୀ ଖଣ୍ଡେ ମିଳିଥାଏ । ମହୋଦୟ କୁହନ୍ତି ମୁଁ ପ୍ରତ୍ୟେକ ଦିନ ତେହଜ୍ଜୁଦ୍ ନମାଜ୍‌ରେ ଦୁଆ କରୁଥିଲି ଏବଂ ହୁଜୁର[ଅ.ବ]ଙ୍କୁ ମଧ୍ୟ ପତ୍ର ମଧ୍ୟ ଲେଖୁଥିଲି ଯେ, ହୁଜୁର ଦୁଆ କରନ୍ତୁ ଯେ, ମୁଁ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରିଦେବି ଅଲ୍ଲାଃତାଲା ଏଥିପାଇଁ ମୋତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। ମହୋଦୟ କୁହନ୍ତି ଯେ, ୱକ୍‌ଫେ ଜଦିଦ୍‌ର ଆର୍ଥିକ ବର୍ଷ ସମାପ୍ତ ହେବା ପର୍ଯ୍ୟନ୍ତ ଅଲ୍ଲାଃତାଲା କୌଣସି ନା କୌଣସି ପ୍ରକାରେ ୱାଦା ମୁତାବକ ଚାନ୍ଦା ପୈଠ କରିବା ପାଇଁ ମୋତେ ସାମର୍ଥ୍ୟ ପ୍ରଦାନ କରିଦେଲେ । ସେ ଯାହା ହେଉ ନା କାହିଁକି ମୁଁ କୌଣସି ନା କୌଣସି ପ୍ରକାରରେ ନିଜର ପ୍ରତିଶୃତ ଚାନ୍ଦା ପୈଠ କିରିଦେଲି । ଚେନ୍ଦା ପୈଠ କରିବାର କିଛି ଦିନ ପରେ ଜଣେ ପୂର୍ବତନ ଅଫିସର ଯେଉଁଠି ମୁଁ କାର୍ଯ୍ୟ କରୁଥିଲି ତାଙ୍କର ଫୋନ୍ ଆସିଲା କି ଆପଣ ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ପାଇଁ ଆସନ୍ତୁ । ଅତଃ ମୋତେ ଇଣ୍ଟରଭ୍ୟୁ ନିମନ୍ତେ ଡକାଗଲା । ସୁତରାଂ ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କଲି ଯେ, ଅଲ୍ଲାଃତାଲା ମୋ ଉପରେ କୃପା କରିବାରୁ ମୋତେ ଚାକିରୀଟିଏ ମିଳିଗଲା । ମୁଁ ଆଶ୍ଚର୍ଯ୍ୟ ଚକିତ ଥିଲି, କାରଣ ମୋତେ ଯେଉଁ ବ୍ୟକ୍ତି ସାକ୍ଷାତ୍‌କାର ପାଇଁ ଡାକିଥିଲା ସେ ମୋର ଡାଇରେକ୍ଟର (ନିର୍ଦ୍ଦେଶକ) ଏବଂ ସୁପର ଭାଇଜର (ପର୍ଯ୍ୟବେକ୍ଷକ) ନଥିଲା । ମୋର ସାଥିମାନେ ମଧ୍ୟ ଦ୍ୱନ୍ଦ୍ୱରେ ଥିଲେ ଯେ, ମୋତେ କାହିଁକି ସାକ୍ଷାତ୍‌କାର ପାଇଁ ଡକା ଯାଇଛି ? କାରଣ ମୁଁ ତ' ୭ ବର୍ଷ ପୂର୍ବେ ସେଠାରୁ (ସେହି କାର୍ଯ୍ୟାଳୟରୁ) ଇସ୍ତଫା ଦେଇ ଦେଇଥିଲି । ମହୋଦୟ କୁହନ୍ତି, ଏହା ମଧ୍ୟ ଅଲ୍ଲାଃତାଲାଙ୍କର କୃପା ଯେ, ମୋର ସ୍ଥାୟୀ ଆୟ ତଥା ଆମଦାନୀ ମଧ୍ୟ ଏହି ପରିଣତି ବୟସରେ ଆରମ୍ଭ ହୋଇଗଲା।

ସେନିଗାଲ୍ ଦେଶର ତାମ୍ବାକୋଣ୍ଡା (Tambacounda) ଅନ୍ତର୍ଗତ ଏକ ସ୍ଥାନ ରହିଛି ସେଠିକାର ମୁବଲ୍ଲିଗ୍ ସିଲ୍‌ସିଲା କୁହନ୍ତି, ମୋର ଗସ୍ତ ସମୟରେ ଏକ ସ୍ଥାନରେ ଯେତେବେଳେ ଚାନ୍ଦା ଦେବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦିଆଗଲା ଏବଂ ମୁଁ ଗତ ଖୁତ୍‌ବାରେ ଯେଉଁ ବିଶ୍ୱାସବର୍ଦ୍ଧକ ଘଟଣା ଉପସ୍ଥାପିତ କରିଥିଲି ସେଠାକାର ଲୋକମାନଙ୍କୁ ଏହି ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଶୁଣାଇ ଦିଆଗଲା। ଅତଃ ସେଠାକାର ଅହେମଦ ଉସ୍‌ମାନ୍ ସାହେବ ନାମକ ଜଣେ ଅହେମଦି କୁହନ୍ତି, ଯେତେବେଳେ ସେ ବୈଅତ୍ କଲେ ସେତେବେଳେ ତାଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ଥିଲା ଅର୍ଥାତ ସ୍ୱଚ୍ଛଳ ନଥିଲା । ବୈଅତ୍ କରିବା ପରେ ତାଙ୍କର ସମସ୍ତ ସଂପର୍କୀୟ ଏବଂ ଆପଣା ବନ୍ଧୁମାନେ ପର ହୋଇଗଲେ । ବିରୋଧୀମାନେ ଚାରିଥର ତାଙ୍କ ଘରେ ନିଆଁ ଲଗାଇବା ପାଇଁ ଉଦ୍ୟମ କରିଥିଲେ ଏବଂ ପ୍ରତ୍ୟେକ ଥର ଘରର ଗୋଟିଏ ଭାଗ ନିଆଁ ଲାଗିବା ଫଳରେ ପୋଡ଼ି ଯାଉଥିଲା । ଫଳତଃ ତାଙ୍କୁ କ୍ଷତି ସହ୍ୟ କରିବାକୁ ପଡୁଥିଲା । କିନ୍ତୁ ମହୋଦୟ କୁହନ୍ତି ଯେ, ଯେତେବେଳେ ସେ ଜମାଅତ୍‌ର ଚାନ୍ଦା ବ୍ୟବସ୍ଥାରେ ଅଂଶ ଗ୍ରହଣ କରିବାକୁ ଆରମ୍ଭ କଲେ ସେତେବେଳେ ତାଙ୍କର ଦୁଃଖ ସବୁ ଅପସରି ଗଲା ବା ଦୁଃଖ ସବୁ ଦୂରୀଭୂତ ହେଲା । ସେ କୁହନ୍ତି ଯେ, ଚାନ୍ଦାର କଲ୍ୟାଣ ଯୋଗୁଁ ବର୍ତ୍ତମାନ ସେ ନିଜର ନୂତନ ଗୃହ ନିର୍ମାଣ କରି ନେଇଛନ୍ତି । ତାଙ୍କର ପୁରୁଣା ଚାଳ ଘର ଯାହାକି ନଡ଼ା ଛଣରେ ତିଆରି ହୋଇଥିଲା ବିରୋଧୀମାନଙ୍କର ନିଆଁ ଲଗାଇବା ଫଳରେ ତାହା ବାରମ୍ବାର ପୋଡ଼ି ଯାଉଥିଲା, କିନ୍ତୁ ବର୍ତ୍ତମାନ ସେ ପକ୍କା ଘରଟିଏ ନିର୍ମାଣ କରି ନେଇଛନ୍ତି । ତାଙ୍କର ସନ୍ତାନମାନେ ମଧ୍ୟ ସହରରେ ଉନ୍ନତମାନର ଉଚ୍ଚ ତଥା ଗୁଣାତ୍ମକ ଶିକ୍ଷା ପ୍ରାପ୍ତ କରୁଛନ୍ତି । ମହୋଦୟ ପ୍ରତ୍ୟେକ ବର୍ଷ ଅନ୍ୟ ଚାନ୍ଦା ପରି ୱକ୍‌ଫେ ଜଦିଦ୍‌ରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି କରି ଚାନ୍ଦା ପୈଠ ମଧ୍ୟ କରି ଦିଅନ୍ତି ଏବଂ ମୋର ଯେଉଁ ବିରୋଧୀମାନେ ରହିଥିଲେ ସେମାନଙ୍କର ମୃତ୍ୟୁ ମଧ୍ୟ ଘଟି ସାରିଲାଣି ଏବଂ ଆଉ କେତେକ ଯେଉଁ ବିରୋଧୀମାନେ ରହି ଯାଇଛନ୍ତି ସେମାନେ ଅତ୍ୟନ୍ତ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି ।

**ତାନ୍‌ଜାନିୟାର** ଅମୀର ସାହେବ ଉଲ୍ଲେଖ କରନ୍ତି ଯେ, ସେଠାକାର ଜଣେ ଅହେମଦି କୃଷକ ଅଟନ୍ତି ତାଙ୍କର ଘଟଣା ରହିଛି । ତାଙ୍କର ବିଲାତି ବାଇଗଣର ଏକ କ୍ଷେତ ରହିଛି ଏବଂ ଉକ୍ତ କ୍ଷେତକୁ ଭିକ୍ଟୋରିୟା ହ୍ରଦରୁ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଚାଷ ଜମିକୁ ଜଳସେଚିତ କରାଯାଇଥାଏ । ଏଥିପାଇଁ ଭଡ଼ାରେ ମେଶିନ (ଯନ୍ତ୍ରପାତି) ଏବଂ ଜଳପମ୍ପ ନେବାକୁ ପଡ଼ିଥାଏ । ମହୋଦୟ କୁହନ୍ତି,

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ହୋଇଥିଲା । ଚାଷଜମିର ଅବସ୍ଥା ଅତ୍ୟନ୍ତ ଦୟନୀୟ ତଥା ଶୋଚନୀୟ ହୋଇଯାଇଥିଲା । ପାଖ ଚାଷଜମିର ମାଲିକ ଯେକି ନିଜ ଜମିରେ ପାଣି ମଡ଼ାଉଥିଲେ ସେ ମୋ ଉପରେ ଅଟ୍ଟହାସ୍ୟ ପ୍ରକାଶ କରୁଥିଲେ ଏବଂ କହୁଥିଲେ ହେଇ ଦେଖିଲ ତ' ! ତୁମ ଚାଷ ଜମିର କ'ଣ ଅବସ୍ଥା ହୋଇଛି? ସେ ଯାହା ହେଉ ନା କାହିଁକି ମୋତ ମୁଅଲ୍ଲିମ୍ ସାହେବ ଚାନ୍ଦା ଦେବା ପ୍ରତି ଧ୍ୟାନ ଆକର୍ଷଣ କଲେ ତେବେ ମୋ ନିକଟରେ ଏକ ହଜାର ଶିଲଙ୍ଗ୍ ଯେଉଁ ଟଙ୍କା ରହିଥିଲା ତାହାକୁ ମୁଁ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ପୈଠ କରିଦେଲି । ପୁନଶ୍ଚ ମୁଅଲ୍ଲିମ୍ ସାହେବ ମୋତେ ଚାନ୍ଦାର ରସିଦ୍ କାଟି ଦେଲେ ଏବଂ ତା' ପରଦିନ ମଜ୍‌ଲିସ୍ ଆମେଲାର ସଭାରେ ଆସି ମୁଁ ମୁଅଲ୍ଲିମ୍ ସାହେବଙ୍କୁ କହିଲି, ମୋତେ ଚାନ୍ଦା ପୈଠ କରିବାର ପ୍ରତିବଦଳ ମିଳି ଯାଇଛି । କାରଣ ଏହି ଋତୁର ପ୍ରଥମ ବର୍ଷା ମୋ କ୍ଷେତରେ ବର୍ଷି ଯାଇଛି । ଅଲ୍ଲାଃତାଲା ଏହିପରି ଭାବରେ ମୋତେ ସମ୍ମାନିତ କଲେ ।

**ସେରାଲିଓନ୍‌ର** ମୁବଲ୍ଲିଗ୍ ସିଲ୍‌ସିଲା (Alextamu)ରୁ ଉଲ୍ଲେଖ କରନ୍ତି, ସେରିଲିଓନୀୟ ଜଣେ ଶିକ୍ଷକ ତଥା ଗବେଷକ କୁହନ୍ତି ଯେ, ତାଙ୍କର ଓସିୟତ୍ ଚାନ୍ଦା ଓ ଅନ୍ୟାନ୍ୟ ଚାନ୍ଦାର କିଛି ଟଙ୍କା ବାକି ରହି ଯାଇଥିଲା । କାରଣ ବିଗତ ବର୍ଷ କିଛି ସରକାରୀ ସମସ୍ୟା ହେତୁ ସରକାରୀ ଅନୁଷ୍ଠାନ ବେତନ ଦେବାରେ ବହୁ ବିଳମ୍ବ କରିଥିଲା ଏବଂ କିଛି କାଳ ପାଇଁ ଜୀବନ ଅତ୍ୟନ୍ତ ଦୁଃର୍ବିସହ ହୋଇ ପଡ଼ିଥିଲା । ସେ ଯାହା ହେଉ ନା କାହିଁକି ସେ କେଉଁଠାରୁ ଶୀଘ୍ର ଟଙ୍କାର ବନ୍ଦୋବସ୍ତ କଲେ ଏବଂ ସେହି ଅଭାବ ଦିନରେ ସେ ଓସିୟତ୍ ଓ ଅନ୍ୟାନ୍ୟ ଚାନ୍ଦା ପୈଠ କରିଦେଲେ । ସେ କୁହନ୍ତି, ଚାନ୍ଦା ପୈଠ କରିବାର କିଛି ଦିନ ପରେ ମୋତେ ଖାଦ୍ୟ ଓ ଯୋଗାଣ ବିଭାଗ ତରଫରୁ ଚାଉଳ ବଣ୍ଟନ ଯୋଜନା ଅଧୀନସ୍ଥ ତଦନ୍ତ ନିମନ୍ତେ ଗିନି କରାକେରୀର ପ୍ରତିନିଧିମଣ୍ଡଳରେ ସଦସ୍ୟ ରୂପେ ମନୋନୀତ କରାଗଲା । ପୁନଶ୍ଚ ଏକ ବଡ଼ ଫର୍ନିଶଡ଼ ଘର ମଧ୍ୟ ମିଳିଗଲା । ସୁତରାଂ ୨୦୨୨ ମସିହା ୟୁ.କେ ଜଲ୍‌ସା ସାଲାନାର ପୂର୍ବରୁ ଘରେ ଏକ ଟି.ଭି ଏବଂ ଏମ.ଟି.ଏ ଡିଶ୍ ଲଗାଇବା ପାଇଁ ମୋତେ ସାମର୍ଥ୍ୟ ପ୍ରାପ୍ତ ହୋଇଗଲା । ପୁନଶ୍ଚ ଅଲ୍ଲାଃତାଲାଙ୍କର ସବୁଠୁ ବଡ଼ କୃପା ମୋ ଉପରେ ଏହା ଥିଲା କି ମୋତେ ଜାପାନ୍‌ର କାଗୋଶିମା (Kagoshima) ବିଶ୍ୱବିଦ୍ୟାଳୟରେ ପି.ଏଚ୍.ଡ଼ି କରିବା ପାଇଁ ଛାତ୍ର ବୃତ୍ତି ମଧ୍ୟ ମିଳିଲା । ସେ କୁହନ୍ତି ଯେ, ପି.ଏଚ୍.ଡ଼ି ପାଠ୍ୟ କ୍ରମରେ ନାମ ଲେଖାଇବା ନିମନ୍ତେ ଆବେଦନ କରିଦେଲି ଏବଂ ଅନୁଷ୍ଠାନ ତରଫରୁ ମୋତେ ଅଗ୍ରାଧିକାର ଦିଆଗଲା ଏବଂ ସେଠାରେ ମୋତେ ମନୋନୀତ କିରି ନିଆଗଲା ଏବଂ କୁହନ୍ତି ମୁଁ ଗତ ବର୍ଷରୁ ହିଁ ଜାପାନ୍‌ରେ ଅବସ୍ଥାନ କରୁଛି । ଅଲ୍ଲାଃତାଲାଙ୍କ କୃପାରୁ ଜାପାନ୍‌ରେ ମଧ୍ୟ ଜମାଅତ୍‌ର ସହିତ ମୋର ଯୋଗାଯୋଗ ରହିଛି ଏବଂ ଅଲ୍ଲାଃତାଲାଙ୍କର ଏହି କୃପା ହେଲା ଯେ, ଅନୁଷ୍ଠାନ କେବଳ ମୋ ପରିବାରକୁ ଏକ ଗୃହ ପ୍ରଦାନ କଲା ନାହିଁ ବରଂ ପରିବାର ନିମନ୍ତେ ବେତନର ଏକ ଭାଗ ସେହି ସେରାଲିଓନ୍‌ରେ ମଧ୍ୟ ଜାରି ରଖିଲେ । ସେ କୁହନ୍ତି, ସେ ଯାହା ହେଉ ନା କାହିଁକି ଏକଥା ମୋ ପାଇଁ ବିଶ୍ୱାସରେ ଅଭିବୃଦ୍ଧି ହେବାର କାରଣ ସାଜିଲା । ସୁତରାଂ ଏସବୁ ଚାନ୍ଦା ଦେବାର କଲ୍ୟାଣ ଯୋଗୁଁ ଅଲ୍ଲାଃତାଲା ମୋ ଉପରେ ନିଜର କୃପାବତୀର୍ଣ୍ଣ କଲେ ।

କେବଳ ଅହେମଦିମାନେ କାହିଁକି ବରଂ ନବାଗତ ଅହେମଦିମାନଙ୍କ ମଧ୍ୟରେ ବି ଅଲ୍ଲାଃତାଲାଙ୍କ ସକାଶେ ଅର୍ଥର ଅହେତୁକ ମୋହ ଠାରୁ ବୈମନସ୍ୟର ଅନେକ ଉଦାହରଣ ଓ ଦୃଷ୍ଟାନ୍ତ ଦୃଶ୍ୟମାନ ହୁଏ । ସୁତରାଂ **ସେରାଲିଓନ୍** ଅଞ୍ଚଳର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି, ମିଓମ୍ବା (Moyamba) ଅଞ୍ଚଳର ଖୁତ୍‌ବା ସମୟରେ ୱକ୍‌ଫେ ଜଦିଦ୍ ସଂକ୍ରାନ୍ତରେ ଲୋକ ମାନଙ୍କର ଧ୍ୟାନ ଆକର୍ଷଣ କରାଗଲା । ଅତଃ ଜଣେ ବ୍ୟକ୍ତି ଏକ କୁରାଢୀ ଧରି ଜଙ୍ଗଲକୁ ଗଲେ ଏବଂ ସେଠାରୁ କାଠ କାଟି ଆଣି ବିକ୍ରି କଲେ ଏବଂ ଦି ପଇସା ରୋଜଗାର କରି ସେହି ପଇସାକୁ ଆଁହଜରତସ.ଅଙ୍କୁ ଦେଇଦେଲା । ନିକଟବର୍ତ୍ତୀ ଡୋଡ଼ୋ ନାମକ ଏକ ଗ୍ରାମ ଯେଉଁଠି ଅହେମଦିମାନେ ଜୁମା ନମାଜ ପାଠ କରିବା ପାଇଁ ଏକତ୍ରିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ କାସିମ୍ (Dodo) ସାହେବ ନାମକ ଜଣେ ନୈଷ୍ଠିକ ଅହେମଦି ଦ୍ୱିପ୍ରହରର ଟାଣ ଖରାରେ ଆସିଲେ ଏବଂ ବିପୁଳ ନଗଦ ଟଙ୍କା ଉପସ୍ଥାପିତ କରିଦେଇ କହିଲେ ଏହା ହେଉଛି ମୋର ସମସ୍ତ ସଞ୍ଚିତ ଓ ଉପାର୍ଜିତ ଆୟ ବା ରୋଜଗାର ଯାହାକୁ ମୁଁ ୱକ୍‌ଫେ ଜିଦଦ୍‌ର ଚାନ୍ଦାରେ ଉପସ୍ଥାପିତ କରିଦେଲି । ତାଙ୍କୁ କୁହାଗଲା ଯେ, ଆପଣ ତହିଁରୁ ନିଜର ମାସିକ ଖର୍ଚ୍ଚ ପାଇଁ କିଛି ଅର୍ଥ ରଖି ନିଅନ୍ତୁ । ତେବେ ସେ ଅତ୍ୟନ୍ତ ଭାବାବିହ୍ୱଳ ଶୈଳୀରେ ଉତ୍ତର ଦେଇ କହିବାକୁ ଲାଗିଲେ ଯେ, ଯେଉଁ ଦିନ ଆପଣ ସାହାବିଙ୍କର ଘଟଣା ଶୁଣାଇଥିଲେ ସେହିଦିନ ମୁଁ ଏହା ମନସ୍ଥ କରି ନେଇଥିଲି ଯେ, ମୁଁ ଏହି ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁସରଣ କରିବି । ତେଣୁ ଆପଣ ମୋର ସଂପୂର୍ଣ୍ଣ ଟଙ୍କା ରଖି ନିଅନ୍ତୁ । ଅଲ୍ଲାଃତାଲା ମୋତେ ସ୍ୱୟଂ ହିଁ ପ୍ରଦାନ କରିଦେବେ ।

ପୁନଶ୍ଚ **ତାନ୍‌ଜାନିୟାର** ସିମ୍ବାଚାଇ (Simbachai) ଜମାଅତ୍‌ର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ଶିୟାନ୍‌ଗା ରିଜନ୍‌ର ମୁଅଲ୍ଲିମ୍ ସାହେବ କୁହନ୍ତି, ସେଠିକାର ସିମ୍ବାଚାଇ ନାମକ ଏକ ଗ୍ରାମ ଓ ନୂତନ ଜମାଅତ୍ ରହିଛି । ସେଠାରେ ଜମାଅତ୍‌ର ନୂତନ ଚାରା ଲଗାଯାଇଛି (ଅର୍ଥାତ ନୂତନ ଜମାଅତର ସ୍ଥାପନ ହୋଇଛି) । ବିଗତ ବର୍ଷ ଡିସେମ୍ବର ମାସ ସୁଦ୍ଧା ୩୯ ଜଣ ବ୍ୟକ୍ତି ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇ ଯାଇଛନ୍ତି । ତେଣୁ ସେହି ସ୍ଥାନରେ ଗତ ମାସରେ ହିଁ ଜମାଅତ୍ ସ୍ଥାପନ ହୋଇଛି । ମୁଅଲ୍ଲିମ୍ ସିଲ୍‌ସିଲା କୁହନ୍ତି ଯେ, ଡିସେମ୍ବର ମାସରେ ନିଜ ହଲ୍‌କା (ମୌଜା)ର ଜମାଅତ୍ ଗସ୍ତରେ ଥିଲେ । ସେହି ନୂତନ ଜମାଅତ୍ ଦେଇ ଅତିକ୍ରମ କଲେ । ଏଠିକାର ନୂତନ ବୈଅତ୍ କରିଥିବା ଅନେକ ଲୋକମାନେ ପୂର୍ବେ ବିଧର୍ମୀ ଥିଲେ । ଧର୍ମ ସହିତ ସେମାନଙ୍କର କୌଣସି ସଂପର୍କ ନଥିଲା । ଏଣୁ ସେମାନଙ୍କ ସଂସ୍କାର ନିମନ୍ତେ ନମାଜ ଏବଂ କୁରଆନ୍ ଆଡ଼କୁ ଧ୍ୟାନ ଆକର୍ଷଣ କରାଯାଉଛି । ନମାଜ ଜୋହୋର ପାଠ ପରେ ତର୍ବିୟତି (ସାଂସ୍କାରିକ) କ୍ଲାସ୍ ଆରମ୍ଭ ହେଲା, ଯହିଁରେ ମୁଅଲ୍ଲିମ୍ ସାହେବ ନମାଜ ପାଠ କରିବାର ବିଧି ସଂପର୍କରେ ଶିକ୍ଷା ପ୍ରଦାନ କଲେ ଏବଂ ଅନ୍ୟାନ୍ୟ ଧାର୍ମିକ ସମସ୍ୟା ସଂକ୍ରାନ୍ତରେ ମଧ୍ୟ ଆଲୋକପାତ କଲେ । ଜଣେ ବୟସ୍କ ବ୍ୟକ୍ତି ଯେତେବେଳେ ମୁଅଲ୍ଲିମ୍ ସାହେବଙ୍କ ବ୍ୟାଗ୍‌ରେ ରସିଦ୍ ବୁକ୍ ଦେଖିଲେ ସେତେବେଳେ ସେ ତତ୍‌ସଂକ୍ରାନ୍ତରେ ପ୍ରଶ୍ନ କଲେ ଯେ, ମୁଅଲ୍ଲିମ୍ ସାହେବ ! ଏଇଟା କି ବହି ? ମୁଅଲ୍ଲିମ୍ ସାହେବ ଉତ୍ତର ଦେଲେ ଯେ, ଏଇଟା ଚାନ୍ଦା ପୈଠ କରିବାର ରସିଦ୍ ବହି ଅଟେ ଏବଂ ଏହି ରସିଦ୍ ବୁକ୍ ହେଉଛି ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କରିବାର ବହି। ଆମେମାନେ ତୁମମାନଙ୍କ ଦ୍ୱାରା କରିଥିବା ପ୍ରତିଶ୍ରୁତି ଅନୁଯାୟୀ ଚାନ୍ଦା ଆଦାୟ କରି ମର୍କଜକୁ (କେନ୍ଦ୍ରକୁ) ପ୍ରେରଣ କରିଥାଉ ଓ ରିପୋର୍ଟ ମଧ୍ୟ ପ୍ରେରଣ କରିଥାଉ। କାରଣ ଖଲିଫତୁଲ୍ ମସିହ୍‌ଙ୍କ ପର୍ଯ୍ୟନ୍ତ ଆମର ରିପୋର୍ଟ ପହଞ୍ଚୁ। ଯେଉଁ ଅହେମଦି ବି ଉକ୍ତ ଚାନ୍ଦା ବ୍ୟବସ୍ଥାରେ ସାମିଲ୍ ହୁଅନ୍ତି ସେମାନଙ୍କୁ ଉକ୍ତ ବହିରୁ ଚାନ୍ଦା ପୈଠ କରିବା ଯୋଗୁଁ ରସିଦ୍‌ର ଏକ ପୃଷ୍ଠା ଚିରି ଦେଇଥାଉ । ଏକଥା ଶୁଣି ଅନ୍ୟ ଜଣେ ଅହେମଦି ବ୍ୟକ୍ତି କହିଲେ ମୌଲବୀ ସାହେବ ଆପଣ ଆମର ଚାନ୍ଦା କେବେ ନେବେ ? ମୁଅଲ୍ଲିମ୍ ସାହେବ କହିଲେ, ମୁଁ ସେମାନଙ୍କୁ କହିଲି ଯେ, ମୁଁ ଏହା ଭାବୁଥିଲି ଯେ, ଆପଣମାନଙ୍କର ଆର୍ଥିକ ସ୍ଥିତି ବର୍ତ୍ତମାନ ସ୍ୱଚ୍ଛଳ ନାହିଁ ଏବଂ ଆପଣମାନେ ବର୍ତ୍ତମାନ ନୂଆ ନୂଆ ଅହେମଦି ହୋଇଛନ୍ତି, ତେଣୁ ଆପଣମାନଙ୍କର ସଂସ୍କାରର ଆବଶ୍ୟକତା ରହିଛି । ଆସନ୍ତା ବର୍ଷ ଆପଣମାନଙ୍କୁ ଚାନ୍ଦା ବ୍ୟବସ୍ଥାରେ ସାମିଲ୍ କରାଯିବ । ପ୍ରତ୍ୟୁତ୍ତରରେ ସମସ୍ତ ନବ ଦୀକ୍ଷିତ ଅହେମଦିମାନେ କହିଲେ ଯେ, ଚଳିତ ବର୍ଷ ତାହାହେଲେ ଆମର ନାଁ ଖଲିଫତୁଲ୍ ମସିହଙ୍କ ପର୍ଯ୍ୟନ୍ତ ପ୍ରେରଣ କରାଯବି ନାହିଁ ? ତେଣୁ ଏପରି କଦାପି ସମ୍ଭବପର ହୋଇ ପାରିବ ନାହିଁ ! ଅତଃ ସେଠାରେ ଉପସ୍ଥିତ ଥିବା ସମସ୍ତ ଅହେମଦିମାନଙ୍କ ନିକଟରେ ଯାହାକିଛି ରହିଥିଲା ସେମାନେ ପୈଠ କିରଦେଲେ । ଯେତେବେଳେ ମୁଅଲ୍ଲିମ୍ ସାହେବ ଯିବାକୁ ଲାଗିଲେ ସେତେବେଳେ ଲୋକମାନେ କହିଲେ, ମୁଅଲ୍ଲିମ୍ ସାହେବ ! ଆମର ଆସନ୍ତା ବର୍ଷର ଚାନ୍ଦାର ୱାଦା ମଧ୍ୟ ଏହି ମୁହୂର୍ତ୍ତରେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଲେଖାଇ ନିଅନ୍ତୁ । ପ୍ରତ୍ୟୁତ୍ତରରେ ମୁଅଲ୍ଲିମ୍ ସାହେବ ସେମାନଙ୍କର ଆସନ୍ତା ବର୍ଷର ୱାଦାଜାତ୍ ମଧ୍ୟ ଲେଖାଇ ନେଲେ । ନବାଗତ ବୈଅତ୍‌କାରୀଙ୍କ ମଧ୍ୟରେ ମଧ୍ୟ ଅଲ୍ଲାଃତାଲା ଏହିପରି ବିଶ୍ୱାସ ସୃଷ୍ଟି କରି ଥାଆନ୍ତି ଏବଂ ସେମାନଙ୍କର ହୃଦୟରେ ଏହିପରି ବିଶ୍ୱାସ ଭରି ଦେଇ ଥାଆନ୍ତି ।

**ଗ୍ୟାମ୍ବିୟାର** ଜମାଅତ୍‌ର ଅମୀର ସାହେବ ଉଲ୍ଲେଖ କରନ୍ତି । ନର୍ଥ ବ୍ୟାଙ୍କର ଏକ ଜମାଅତ୍ ରହିଛି ଯାହାର ନାମ ହେଲା ଦୁତାବୁଲୁ (Dutabulu) । ସେଠିକାର ଜଣେ ଅହେମଦି ବନ୍ଧୁ ଯାହାଙ୍କ ନାମ ହେଲା ଜାଲୁ (Jallow) ସାହେବ । ତାଙ୍କର ପିତାଶ୍ରୀ ଅହେମଦି ନୁହନ୍ତି । ସେ ଗ୍ରାମମୁଖ୍ୟ ଅଟନ୍ତି ଏବଂ ଅତ୍ୟନ୍ତ ବୃଦ୍ଧ ଏବଂ ଅସୁସ୍ଥ ରୁହନ୍ତି । ଏଣୁ ତାଙ୍କ ସ୍ଥାନରେ ତାଙ୍କର ପୁତ୍ର ଗ୍ରାମର ବିଭିନ୍ନ ପ୍ରସଙ୍ଗ ଏବଂ ମାମଲାର ଦେଖାଶୁଣା କରନ୍ତି । ସେ କହିଲେ ଯେ, ଦିନେ ଜଣେ ଇସ୍‌ଲାମୀୟ ଏନ.ଜି.ଓ ତାଙ୍କ ଗ୍ରାମକୁ ଆସିଲା ଏବଂ ମାତ୍ର ୧୫୦୦୦ ଡଲାସି ଟଙ୍କା ସାହାଯ୍ୟ କଲେ । ସେମାନେ ଜୟାଲୁ ସାହେବକୁ କହିଲେ ଆମେ ଆପଣଙ୍କ ସଂପର୍କରେ ଶୁଣିଛୁ ଯେ, ଆପଣ ଅତ୍ୟନ୍ତ ଧୀରୋଦତ୍ତ, ସଦାଚାରୀ ଏବଂ ଉତ୍ତମ ବ୍ୟକ୍ତି ଅଟନ୍ତି । ଆମେମାନେ ଆପଣଙ୍କୁ ଏବଂ ଆପଣଙ୍କ ପିତାଶ୍ରୀଙ୍କୁ ସାହାଯ୍ୟ ସ୍ୱରୂପ ୩୦,୦୦୦ ଡଲାସି ଅର୍ଥ ଦେବାକୁ ଚାହୁଁଛି । କିନ୍ତୁ ଗୋଟିଏ ସମସ୍ୟା ରହିଛି ଏବଂ ତାହା ହେଉଛି ଆପଣ ଅହେମଦି ଅଟନ୍ତି ? ଆପଣ ଯଦି ଜମାଅତ୍ ଅହେମଦିୟା ଛାଡ଼ି ଦିଅନ୍ତି ତେବେ ଆପଣଙ୍କୁ ଏହି ଅର୍ଥ ମିଳିଯିବ । ପ୍ରତ୍ୟୁତ୍ତରରେ ଜିୟାଲୁ ସାହେବ ଏନ.ଜି.ଓ ବ୍ୟକ୍ତିକୁ କହିଲେ ମୋତେ ଆପଣଙ୍କ ଟଙ୍କା ପଇସାରେ କୌଣସି ଆବଶ୍ୟକତା ନାହିଁ । କାରଣ ଜମାଅତ୍ ଅହେମଦିୟା ମୋତେ ଏହି ଶିକ୍ଷା ଦେଇଛି ଯେ, ଅଲ୍ଲାଃତାଲା ନିଜ ଭକ୍ତଙ୍କ ପାଇଁ ଯଥେଷ୍ଟ ଅଟନ୍ତି। ମୁଁ ତ' ଜମାଅତ୍‌କୁ ପ୍ରତ୍ୟେକ ବର୍ଷ ୧୫୦୦୦ ଡଲାସି ଅତିରିକ୍ତ ଚାନ୍ଦା ପୈଠ କରିଥାଏ । ଏକଥା ଶୁଣି ସେ ବହୁତ ଆଶ୍ଚର୍ଯ୍ୟ ଚକିତ ହେଲେ ଏବଂ କହିବାକୁ ଲାହିଲେ ଯେ, ଏତେ ବିପୁଳ ପରିମାଣର ଅର୍ଥ ଜମାଅତ୍‌କୁ କାହିଁକି ଦେଉଛନ୍ତି? କାରଣ ତୁମେ ତ' ସ୍ୱୟଂ ଦରିଦ୍ର ଓ ଅଭାବି ବ୍ୟକ୍ତି ଅଟ । ପ୍ରତ୍ୟୁତ୍ତରରେ ଜୟାଲୁ ସାହେବ କହିଲେ, ମୁଁ ଅଲ୍ଲାଃତାଲାଙ୍କର ପୁରସ୍କାର ଏବଂ ପ୍ରସନ୍ନତା ପ୍ରାପ୍ତ କରୁଅଛି ଆପଣ ତା' ବିଷୟରେ ଯଦି ଜାଣି ନିଅନ୍ତି ତେବେ ଆପଣ ମଧ୍ୟ ଇମାମ୍ ମେହ୍‌ଦୀ ଅ.ସଙ୍କ ସଂପ୍ରଦାୟର ଏକ ଅଙ୍ଗ ହୋଇଯିବେ । ହୁଜୁର ଅନ୍‌ୱର୍[ଅ.ବ] କହିଲେ ତେବେ ଏ ହେଉଛନ୍ତି ଭକ୍ତ ଏବଂ ସଚ୍ଚୋଟ ନୈଷ୍ଠିକ ଅହେମଦିର ବିଶ୍ୱାସମୂଳକ ଅବସ୍ଥା ଯାହାକି ଅଲ୍ଲାଃତାଲା ସେହି ଦୂରବର୍ତ୍ତୀ ଦେଶ ଓ ସ୍ଥାନରେ ବାସ କରୁଥିବା ଅହେମଦିମାନଙ୍କ ମନରେ ସୃଷ୍ଟି କରୁଛନ୍ତି । କାରଣ ଆଁହଜରତ[ସ.ଅ]ଙ୍କ ଦାସାନୁଦାସ ହ. ମିର୍ଜା ଗୁଲାମ୍ ଅହେମଦ[ଅ.ସ]ଙ୍କୁ ସ୍ୱୀକାର କରିବା ପରେ ଅହେମଦିର ବିଶ୍ୱାସ କଭଳି ଦୃଢରୁ ସୁଦୃଢ ହେଉଅଛି ।

**କଙ୍ଗୋ କିନ୍‌ଶାଶାର** ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ଜୁମାର ଖୁତ୍‌ବା ସମୟରେ ଲୋକମାନଙ୍କୁ ୱକ୍‌ଫେ ଜଦିଦ୍‌ର ଚାନ୍ଦା ଦେବା ପାଇଁ ଆହ୍ୱାନ ଦିଆଗଲା । ସେହି ଦିନ ନୁରୁଦ୍ଦୀନ ସାହେବ ନମାକ ଜଣେ ନୈଷ୍ଠିକ ଅହେମଦି ଯେକି ପୋଲିସ ବିଭାଗରେ ଚାକିରୀ କରନ୍ତି, ସେ ଆମର ମୁଅଲ୍ଲିମ୍ ସାହେବଙ୍କୁ ଫୋନ୍ କରି ଡକାଇଲେ ଏବଂ କହିଲେ ମୁଁ କିଛି କାଳ ଧରି କିଛି ଅର୍ଥ ଜୁରରୀକାଳୀନ ପରିସ୍ଥିତିରେ ଆବଶ୍ୟକ ପଡ଼ିବ ବୋଲି ଏକତ୍ରିତ କରୁଥିଲି । କିନ୍ତୁ ଆଜି ଆପଣଙ୍କ ମୁବଲ୍ଲିଗ୍ ସାହେବ ଖୁତ୍‌ବା ଜୁମାରେ ୱକ୍‌ଫେ ଜଦିଦ୍ ଚାନ୍ଦା ଦେବା ପାଇଁ ମନମୁଗ୍ଧକର ଖୁତ୍‌ବା ମାଧ୍ୟମରେ ଯେଉଁ ଧ୍ୟାନ ଆକର୍ଷଣ କଲେ ସେଇଥିପାଇଁ ମୁଁ ଆପଣଙ୍କୁ କହୁଛି ଯେ, ଆପଣ ମୋର ଏହି ଟଙ୍କା ତକ ଚାନ୍ଦାରେ ରଖି ନିଅନ୍ତୁ । ସୁତରାଂ ମହୋଦୟ ଦୁଇ ଲକ୍ଷ ଦଶ ହଜାର ଫ୍ରାଙ୍କ୍ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ପୈଠ କଲେ ଯାହାକି ତାଙ୍କ ସାମର୍ଥ୍ୟ ଠାରୁ ବହୁତ ଅଧିକ ଏବଂ ଅସାଧାରଣ ବଳିଦାନ ଥିଲା । ହୁଜୁର ଅନ୍‌ୱର୍[ଅ.ବ] କହିଲେ, ତେବେ ଏହା ଥିଲା ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରୁଥିବା କେତେକ ଅହେମଦିମାନଙ୍କର ଉଦାହରଣ ।

**ମେସିଡ଼ୋନିୟାର** ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ଅହେମଦିମାନଙ୍କର ସଂଖ୍ୟା ଗରିଷ୍ଠତା ଏଠାରେ ରହିଛି ସତ । କିନ୍ତୁ ଅଧିକାଂଶ ଲୋକଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ ବରଂ ସେମାନେ ଅଭାବ, ଅନଟନ ଓ ଦାରିଦ୍ର୍ୟତାରେ ଜୀବନ ଯାପନ କରନ୍ତି । କିନ୍ତୁ ତଥାପି ସେମାନେ ଆର୍ଥିକ ବଳିଦାନରେ ଅଂଶ ଗ୍ରହଣ କରନ୍ତି । ଫୈସଲ୍ ସାହେବ ନାମକ ଜଣେ ଅହେମଦି ଯେକି ୧୯୯୫ ମସିହାରେ ବୈଅତ୍ କରିଥିଲେ, ସେ ବିଭିନ୍ନ ଦେଶରେ ରହିଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ସେ ମେସିଡ଼ୋନିୟାକୁ ପୁନଃ ଫେରି ଆସିଛନ୍ତି । ପ୍ରାରମ୍ଭିକ ସମୟରେ ଜମାଅତ୍ ସହିତ ତାଙ୍କର କମ୍ ଯୋଗାଯୋଗ ଓ ସମ୍ପର୍କ ଥିଲା, ପୁନଶ୍ଚ ତାଙ୍କ ସହିତ ଯୋଗାଯୋଗ ସ୍ଥାପନ କରାଗଲା । ବିଗତ ଇଦୁଲ୍ ଅଜ୍‌ହା ପର୍ବରେ ସେ ଦୁଇ ତିନି ଥର ମିଶନ୍‌ରେ ଅବସ୍ଥାନ କିରଥିଲେ । ଉକ୍ତ ଅବଧି ମଧ୍ୟରେ ତାଙ୍କୁ ଜମାଅତ ଅହେମଦିୟାର ଆର୍ଥିକ ବ୍ୟବସ୍ଥା ସଂକ୍ରାନ୍ତରେ ସମ୍ୟକ ଜ୍ଞାନ ପ୍ରଦାନ କରାଗଲା । ବାଧ୍ୟତାମୂଳକ ଚାନ୍ଦା ବ୍ୟତୀତ ଅନ୍ୟାନ୍ୟ ଆର୍ଥିକ ବଳିଦାନ ଯେପରିକି ତେହ୍‌ରିକେ ଜଦିଦ୍ ଏବଂ ୱକ୍‌ଫେ ଜଦିଦ୍ ସଂପର୍କରେ ବୁଝାଇ ଦିଆଗଲା । ସେ କୁହନ୍ତି ଯେ ଦଶ ବାର ଦିନ ପରେ ସେ ମୋତେ ସାକ୍ଷାତ୍ କଲେ । କୁହନ୍ତି ମୁଁ ତାଙ୍କୁ ଭେଟିବା ପାଇଁ ସହରକୁ ଗଲି ଏବଂ ପ୍ରତ୍ୟାବର୍ତ୍ତନ ସମୟରେ ସେ ମୋତେ ଦଶ ହଜାର ଦିନାର ଅର୍ଥ ଚାନ୍ଦା ଦେଲେ ଯାହାକି ଅସାଧାରଣ ଅର୍ଥ ଥିଲା । ଏହି ଦୃଷ୍ଟିରୁ ହାରାହାରି ୬୩ ୟୁରୋ ଅର୍ଥ ସମ୍ବଳିତ ହେବ । ଏହି ବନ୍ଧୁମାନେ ବେକାରୀ ଅଟନ୍ତି । ଅନେକ କାଳ ଧରି ଏମାନେ କାମଦାମ କରୁ ନାହାନ୍ତି । ମୁଁ କହିଲି ଆପଣମାନେ ନିଜର ସାମର୍ଥ୍ୟ ଅନୁଯାୟୀ ହିଁ ଚାନ୍ଦା ଦିଅନ୍ତୁ ଏବଂ ନିଜର ପରିବାର ବର୍ଗଙ୍କ ଉପରେ ଖର୍ଚ୍ଚ କରନ୍ତୁ। ଆପଣମାନେ ଜାଣନ୍ତି କି ଆପଣମାନଙ୍କର କ'ଣ ଦଶା ରହିଛି ? କିଛି ଅର୍ଥ ନିଜ ପାଇଁ ମଧ୍ୟ ରିଖି ନିଅନ୍ତୁ ! କାରଣ ମେସିଡ଼ୋନିୟାର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ଏହା ବହୁତ ବଡ଼ ଅର୍ଥରାଶି ଥିଲା । କିନ୍ତୁ ସେମାନେ ପ୍ରସନ୍ନଚିତ୍ତର ସହିତ ଜିଦ୍ କରି ଏହି ଅର୍ଥରାଶି ନିଜ ଓ ପରିବାରବର୍ଗଙ୍କ ପକ୍ଷରୁ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ପୈଠ କିରଦେଲେ ଏବଂ କହିଲେ ସେମାନଙ୍କର ଆବଶ୍ୟକତା ଏବଂ ଅଭାବ ଅସୁବିଧାକୁ ଅଲ୍ଲାଃତାଲା ନିଶ୍ଚୟ ଦୂର କରିଦେବେ ।

ହୁଜୁର ଅନୱର୍[ଅ.ବ] କହିଲେ ତେବେ ସେ ଯାହା ହେଉ ନା କାହିଁକି ଏହି ବ୍ୟକ୍ତିମାନେ ହେଉଛନ୍ତି ସେହି ବଳିଦାନକାରୀ ଯେଉଁମାନେ ନିଜର ପ୍ରିୟ ଧନକୁ ସେମାନଙ୍କର ଆବଶ୍ୟକତା ସତ୍ତ୍ୱେ ମଧ୍ୟ ପ୍ରଭୁଙ୍କ ମାର୍ଗରେ ବ୍ୟୟ କରିଥାଆନ୍ତି । ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍[ଅ.ସ] କୁହନ୍ତି, "ତୁମ ପାଇଁ ଏହା ସମ୍ଭବ ନୁହେଁ ଯେ, ତୁମେମାନେ ଅଲ୍ଲାଃତାଲାଙ୍କୁ ବି ଭଲ ପାଇବ ଏବଂ ଧନକୁ ବି ଭଲ ପାଇବ। ଏହି ଦୁହିଁଙ୍କୁ ମଧ୍ୟରୁ କେବଳ ଗୋଟିଏକୁ ଭଲ ପାଇ ହେବ । ଅତଃ ଭାଗ୍ୟଶାଳୀ ହେଉଛନ୍ତି ସେହି ବ୍ୟକ୍ତିମାନେ ଯେଉଁମାନେ ଅଲ୍ଲାଃତାଲାଙ୍କୁ ଭଲ ପାଆନ୍ତି । ତେଣୁ ତୁମମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଭଲ ପାଇବ ଏବଂ ତାହାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରେ ତେବେ ମୁଁ ଏହି ବିଶ୍ୱାସ ରଖୁଛି ଯେ, ଅନ୍ୟମାନଙ୍କ ଅପେକ୍ଷା ତା' ଧନରେ ଅଧିକ ଗୁଣା କଲ୍ୟାଣ ପ୍ରଦାନ କରାଯିବ । କାରଣ ଧନ ଆପେ ଆପେ ଆସି ନଥାଏ ବରଂ ପ୍ରଭୁଙ୍କ ଇଚ୍ଛାନୁାୟୀ ହିଁ ଆସିଥାଏ । ଅତଏବ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନିଜ ଅର୍ଥ ଅବା ଧନର କେତେକ ଅଂଶ ଛାଡ଼ିଥାଏ ତେବେ ନିଶ୍ଚିତ ଭାବରେ ସେ ସେହି ପୁଣ୍ୟକୁ ଅବଶ୍ୟ ପ୍ରାପ୍ତ କରିନେବ ।"

**(ମଜ୍‌ମୁଆ ଇଶ୍‌ତିହାର୍ ଗ୍ରନ୍ଥ ଖଣ୍ଡ-3, ପୃ-323, ନଜାରତ୍ ନଶ୍ରୋ ଇଶାଅତ୍ କାଦିଆନ୍, 2019 ମସିହା)**

ଅତଏବ ପ୍ରତ୍ୟେକ ବଳିଦାନକାରୀ ଅହେମଦି ଉପରୋକ୍ତ କଥାର ସତ୍ୟତା ଉପରେ ସାକ୍ଷୀ ରୁହନ୍ତୁ ଯେ, ଧନ ପ୍ରଭୁଙ୍କ ପକ୍ଷରୁ ହିଁ ଆସିଥାଏ ଏବଂ ପ୍ରଭୁଙ୍କ ଇଚ୍ଛାନୁଯାୟୀ ହିଁ ପ୍ରାପ୍ତ ହୋଇଥାଏ । ହୁଜୁର ଅନୱର୍[ଅ.ବ] କହିଲେ, ହ. ମସିହ୍ ମଉଦ୍[ଅ.ସ] ଯାହାସବୁ କହିଲେ ତାହା ନିରାଟ ସତ୍ୟ । ଅଲ୍ଲାଃତାଲା ଏହି ବଳିଦାନକାରୀଙ୍କ ସ୍ତରକୁ ମଧ୍ୟ ଉନ୍ନୀତ କରନ୍ତୁ ଏବଂ ସେମାନଙ୍କୁ ପ୍ରଭୁଙ୍କ ମାର୍ଗରେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ନିଜର ପ୍ରିୟ ଧନ ବ୍ୟୟ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ହୁଜୁର ଅନ୍ୱର୍ଅ.ବ କହିଲେ ଯେଉଁ ଅହେମଦିମାନଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଛି ସତ କିନ୍ତୁ ସେମାନଙ୍କର ଆର୍ଥିକ ବଳିଦାନର ସ୍ତର କନ୍ତୁ ଭଲ ନୁହେଁ । ତେଣୁ ସେମାନେ ହ. ମସିହ୍ ମଉଦ୍ଅ.ସଙ୍କ ଏହି କଥାକୁ ସ୍ମରଣ ରଖନ୍ତୁ ଯେ, ଆପଣଅ.ସ କୁହନ୍ତି ଯେ, ମୁଁ ତୁମକୁ ବାରମ୍ବାର କହୁଛି ଯେ, ଅଲ୍ଲାଃତାଲା ତୁମର ସେବା ଶୁଶ୍ରୂଷାର ଆଦୌ ଆବଶ୍ୟକ କରନ୍ତି ନାହିଁ । ହଁ ତୁମ ଉପରେ କେବଳ ଏତିକି କୃପା କରନ୍ତି ଯେ, ସେ ତୁମକୁ ନିଜର ସେବା କରିବା ନିମିତ୍ତ ସୁଯୋଗ ପ୍ରଦାନ କରିଥାଆନ୍ତି । ତେଣୁ ଯେଉଁ ବ୍ୟକ୍ତିମାନେ ଆର୍ଥିକ ବଳିଦାନ କ୍ଷେତ୍ରରେ କୃପଣତା ଅବଲମ୍ବନ କରନ୍ତି ସେମାନଙ୍କୁ ଏହା ଉପରେ ବିଚାର କରିବାର ଆବଶ୍ୟକତା ରହିଛି । ଅଲ୍ଲାଃତାଲା ଜମାଅତ୍‌ର ଉମରାମାନଙ୍କୁ (ବଡ଼ବଡ଼ିଆଙ୍କୁ) ମଧ୍ୟ ଏହି ମର୍ମକୁ ହୃଦୟଙ୍ଗମ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍ୱର୍ଅ.ବ କହିଲେ ବର୍ତ୍ତମାନ ବିଗତ ବର୍ଷ ଚାନ୍ଦା ୱକ୍‌ଫେ ଜଦିଦ୍‌ର ପରିସଂଖ୍ୟାନ ସଂପର୍କରେ ଚର୍ଚ୍ଚା କରି ଦେଉଛି । ଅଲ୍ଲାଃତାଲାଙ୍କ କୃପାରୁ ୱକ୍‌ଫେ ଜଦିଦ୍‌ର ୬୫ ତମ ଆର୍ଥିକ ବର୍ଷ ଡିସେମ୍ବର ମାସ ୩୧ ତାରିଖ ଦିନ ସମାପ୍ତ ହେଲା ଏବଂ ନୂତନ ବର୍ଷ ଅର୍ଥାତ ଜାନୁୟାରୀ ମାସ (ପହିଲା) ୧ ତାରିଖ ଠାରୁ ୬୬ ତମ ବର୍ଷର ପ୍ରାରମ୍ଭ ହୋଇଯାଇଛି । ୨୦୨୨ ମସିହାରେ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌କୁ ୧ କୋଟି ୨୨ ଲକ୍ଷ ୧୫ ହଜାର ପାଉଣ୍ଡ୍ ଅର୍ଥ ଦାନ କରିବା ପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇଛି ଯାହାକି ପୃଥିବୀର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବ ସତ୍ତ୍ୱେ ଗତ ବର୍ଷ ତୁଳନାରେ ୯୦ ଲକ୍ଷ ୨୮ ହଜାର ପାଉଣ୍ଡ୍ ଅତିରିକ୍ତ ଚାନ୍ଦା ଆଦାୟ ହୋଇଛି । **ଅଲ୍‌ହମ୍‌ଦୁଲିଲ୍ଲାଃ** ।

ଆଦାୟ ଦୃଷ୍ଟିରୁ ପୃଥିବୀ ବ୍ୟାପୀ ବ୍ରିଟେନ୍‌ର ଜମାଅତ୍ ପ୍ରଥମ ସ୍ଥାନ ଅଧିକାର କରିଛି ଏବଂ ଏହାପରେ ଦ୍ୱିତୀୟ ସ୍ଥାନରେ କାନାଡ଼ା ରହିଛି, ତୃତୀୟରେ ଜର୍ମାନୀ, ଚତୁର୍ଥରେ ଆମେରିକା, ପଞ୍ଚମରେ ଭାରତ, ଷଷ୍ଠରେ ଅଷ୍ଟ୍ରେଲିୟା, ସପ୍ତମରେ ମିଡ଼ିଲ୍ ଇଷ୍ଟ୍‌ର ଏକ ଜମାଅତ୍, ଅଷ୍ଟମରେ ଇଣ୍ଡୋନେସିଆ, ନବମରେ ମିଡ଼ିଲ୍ ଇଷ୍ଟ୍‌ର ଆଉ ଏକ ଜମାଅତ୍, ଦଶମରେ ବେଲ୍‌ଜିୟମ୍ ।

ଏକକ ପୈଠାନୁଯାୟୀ ଦେଶମାନଙ୍କର କ୍ରମିକ ସଂଖ୍ୟା ଓ ସ୍ଥିତି ହେଲା; ଆମେରିକା, ସୁଇଜର୍‌ଲ୍ୟାଣ୍ଡ, ବ୍ରିଟେନ୍, ଅଷ୍ଟ୍ରେଲିୟା, କାନାଡ଼ା ।

ଆଫ୍ରିକାର ସାମଗ୍ରିକ ଆଦାୟ ଦୃଷ୍ଟିରୁ ପ୍ରଥମ ୧୦ଟି ଜମାଅତ୍ ହେଲେ; ଘାନା, ମରେଶିୟସ୍, ନାଇଜିରିୟା, ବୁର୍କିନାଫାସୋ, ତାନ୍‌ଜାନିୟା, ଲାଇବେରିୟା, ଗ୍ୟାମ୍ବିୟା, ୟୁଗାଣ୍ଡା, ସେରାଲିଓନ୍ ।

ଚଳିତ ବର୍ଷ ଚାନ୍ଦାରେ ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ମଧ୍ୟରୁ ୬୧,୦୦୦ ନୂତନ ନୈଷ୍ଠିକ ଚାନ୍ଦା ପୈଠକାରୀମାନଙ୍କର ଅଭିବୃଦ୍ଧି ହୋଇଛି ଏବଂ ମୋଟ ଚାନ୍ଦା ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ୧୫ ଲକ୍ଷ ୬ ହଜାର ହୋଇଯାଇଛି । ଅଂଶଗ୍ରହଣକାରୀଙ୍କ ଅଭିବୃଦ୍ଧି ଦୃଷ୍ଟିରୁ ଯେଉଁ ଦେଶ ଏହା ଉପରେ କାର୍ଯ୍ୟ କରିଛନ୍ତି ସେମାନେ ହେଲେ, ୟୁଗାଣ୍ଡା, ଗିନି ବସାଓ, କ୍ୟାମରୁନ୍, କଙ୍ଗୋ ବ୍ରାଜ୍‌ୱେଲ୍, ନାଇଜର୍, କଙ୍ଗୋ କିନ୍‌ସାଶା, ବାଂଲାଦେଶ ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ଆଦାୟ ଦୃଷ୍ଟିରୁ ବ୍ରିଟେନ୍‌ର ଦଶଟି ବଡ଼ ଜମାଅତ୍ ହେଲେ, ଫାର୍ଣ୍ଣହ୍ୟାମ (Farnham), ୱୋର୍‌ଷେଷ୍ଟର୍ ପାର୍କ (Worcester Park), ୱାଲ୍‌ସାଲ୍ (Walsall), ଇସ୍‌ଲାମାବାଦ୍ (Islamabad), ଜିଲିନିଂଘମ୍ (Gillingham), ସାଉଥ୍ ଚେମ୍ (South Cheam), ଆଲ୍‌ଡ଼ର୍ ଶଟ୍ ସାଉଥ୍ (Alder shot south), ବ୍ରାଡ଼୍‌ଫୋର୍ଟ (Brad fort), ଚେମ୍ (Cheam), ଇୱେଲ୍ (Ewell) ।

ଅଞ୍ଚଳ ମଧ୍ୟରେ ବୈତୁଲ୍ ଫୁତୁହ୍ ପ୍ରଥମ ସ୍ଥାନରେ ରହିଛି, ଇସ୍‌ଲାମାବାଦ ଦ୍ୱିତୀୟ ସ୍ଥାନରେ ରହିଛି, ମସ୍‌ଜିଦ୍ ଫଜଲ୍ ତୃତୀରେ ରହିଛି, ମିଡ଼୍‌ଲ୍ୟାଣ୍ଡସ୍ ଚତୁର୍ଥରେ ରହିଛି, ବୈତୁଲ୍ ଏହ୍‌ସାନ୍ ପଞ୍ଚମରେ ରହିଛି ।

ଦଫ୍‌ତର୍ ଅୱଲ୍ ଦୃଷ୍ଟିରୁ ଦଶଟି ଜମାଅତ୍‌ମାନେ ହେଲେ, ଆଲ୍‌ଡ଼ର୍ ଶଟ୍ ସାଉଥ୍ (Alder shot south), ଇସ୍‌ଲାମାବାଦ୍ (Islamabad), ୱାଲ୍‌ସାଲ୍ (Walsall), ଫାର୍ଣ୍ଣହ୍ୟାମ (Farnham), ରୋଏମ୍ପ୍‌ଟନ୍ (Roehampton), ଇୱେଲ୍ (Ewell), ଆଲ୍‌ଡ଼ର୍ ଶଟ୍ ନର୍ଥ (Alder shot North), ମିଚ୍ ଆମ୍ ପାର୍କ (Mitch am Park), ବୋର୍ଡ଼ନ୍ (Borden), ସାଉଥ୍ ଚେମ୍ (South Cheam), ବୈତୁଲ୍ ଫୁତୁହ୍, (Baitul Futuh) ।

ଛୋଟ ଜମାଅତ୍‌ରେ ଆଦାୟ ଦୃଷ୍ଟିରୁ ପାଞ୍ଚଟି ଜମାଅତ୍‌ମାନେ ହେଲେ, ସ୍ୱେନ୍ ଭ୍ୟାଲି, କ୍ୟାଥ୍‌ଲୀ, ନର୍ଥୱିଲେଜ୍, ନର୍ଥ ହ୍ୟାମ୍ପ୍‌ଟନ୍, ସୁୱାନ୍‌ଜୀ ।

କାନାଡ଼ାର ବଡ଼ ବଡ଼ ରାଜ୍ୟମାନେ ହେଲେ, ଭନ୍ (Vaughn), ୱେଙ୍କ୍‌ଓଭର (Vancouver), କ୍ୟାଲ୍‌ଗିରୀ (Calgary), ପିସ୍ ଭିଲେଜ୍ (Peace Village), ଟରେଣ୍ଟୋ (Toronto), ବ୍ରାମ୍ପ୍‌ଟନ୍ ୱେଷ୍ଟ (Brampton-West) ।

କାନାଡ଼ାର ଦଶଟି ବଡ଼ ଜମାଅତ୍‌ମାନେ ହେଲେ, ମିଲ୍‌ଟନ୍ ୱେଷ୍ଟ୍ ପ୍ରଥମ ସ୍ଥାନ (Milton West), ଦ୍ୱିତୀୟରେ ହଦିକା ଅହେମଦ୍ (Hadika Ahmed), ତୃତୀୟରେ ମିଲ୍‌ଟନ ଇଷ୍ଟ (Milton East), ଚତୁର୍ଥରେ ୱିନିପେଗ୍ (Winnipeg), ପଞ୍ଚମରେ ସସ୍କାଟୁନ୍ ବୈତୁର୍ ରହମାନ୍ (Saskatoon Baitur Rahman), ଷଷ୍ଠରେ ଡରହମ୍ ୱେଷ୍ଟ (Durham West), ସପ୍ତମରେ ଓଟାୱା ୱେଷ୍ଟ୍ (Ottawa West), ଅଷ୍ଟମରେ ଇନ୍‌ସ୍ ଫିଲ୍‌ଡ଼ (Insfield), ନବମରେ ରେଜାଇନା (Regina), ଦଶମରେ ଏବୋଟସ୍ ଫୋର୍ଡ଼ (Abbots ford) ।

ଅତ୍‌ଫାଲରେ ପ୍ରଥମ ସ୍ଥାନ ଭନ (Vaughn), ପିସ୍ ଭିଲେଜ୍(Peace Village), ଟରେଣ୍ଟୋ ୱେଷ୍ଟ୍ (Toronto), କ୍ୟାଲ୍‌ଗିରୀ (Calgary), ବ୍ରାମ୍ପ୍‌ଟନ୍ ୱେଷ୍ଟ (Brampton-West) ।

ଦଫ୍‌ତର୍ ଅତ୍‌ଫାଲ୍‌ର ପାଞ୍ଚଟି ପ୍ରମୁଖ ଜମାଅତ୍‌ମାନେ ହେଲେ, ଏଡ୍ରୀ (Adree), ସେଣ୍ଟ୍ କ୍ୟାଥ୍ରୀନ୍ (Saint Catharine), ହଦିକା ଅହେମଦ(Hadika Ahmed), ଇନ୍‌ସ୍ ଫିଲ୍‌ଡ଼ (Insfield), ବ୍ରାଡ଼୍‌ଫୋର୍ଡ଼ ଇଷ୍ଟ୍ (Bradford East) ।

ଜର୍ମାନୀର ପାଞ୍ଚଟି ରାଜ୍ୟ ହେଲେ, ପ୍ରଥମରେ ହ୍ୟାମ୍ବର୍ଗ (Hamburg), ଦ୍ୱିତୀୟରେ ଫ୍ରାଙ୍କ୍‌ଫର୍ଟ (Frankfurt), ତୃତୀୟରେ ୱିଜ୍‌ବାଦନ୍ (Wiesbaden), ଗ୍ରସ୍ ଗେରାଉ (Gros Gerau), ରେଡ଼୍ ଷ୍ଟେଟ୍ (Red State) ।

ଦଶଟି ଜମାଅତ୍‌ମାନେ ହେଲେ, ରେଡ଼୍‌ମାର୍କ (Red mark), ରୋଡ଼୍‌ଗାଉ (Rodgau), ମାଇନ୍‌ସ୍ (Mines), ହଲ୍‌କା ବୈତୁର୍ ରଶିଦ୍, ନୋୱେସ୍ (Neuss), ଫ୍ଲୋରିସ ହ୍ୟାମ୍ (Flrsheim), ନେଡ଼ା (Nidda), ମେହ୍‌ଦୀବାଦ୍, ଫ୍ରେଡ଼୍‌ବର୍ଗ (Friedberg), କୋବ୍‌ଲେନ୍‌ଜ୍ (Koblenz).

ଅତ୍‌ଫାଲ୍‌ରେ ପାଞ୍ଚଟି ଅଞ୍ଚଳ ହେଲେ, ହେସେନ୍ ମିଟେ (Hessen Mitte), ହେସେନ୍ ସାଉଥ୍ ୱେଷ୍ଟ୍ (Hessen South West), ହ୍ୟାମ୍ବର୍ଗ (Hamburg), ତାଉନ୍‌ସ୍ (Taunus), ୱିଜ୍‌ବାଦନ୍ (Wiesbaden) ।

ଆମେରିକାର ଦଶଟି ଜମାଅତ୍‌ମାନେ ହେଲେ, ପ୍ରଥମରେ ମ୍ୟାରୀଲାଣ୍ଡ (Maryland), ଦ୍ୱିତୀୟରେ ନର୍ଥ ଭର୍ଜିନିୟା (North Virginia), ତୃତୀୟରେ ଲସ୍ ଏଞ୍ଜେଲସ୍ (Los Angeles), ଡେଟ୍ରଏଟ୍ (Detroit), ସିଲିକନ୍ ଭ୍ୟାଲୀ (Silicon Valley), ବୋଷ୍ଟନ୍ (Boston), ଆଷ୍ଟନ୍ (Aston), ଅଶ୍‌କଶ (Oshkosh), ରୋଚେଷ୍ଟର୍ (Rochester), ଫୋଏନିକ୍‌ସ (Phoenix) ।

ପାକିସ୍ତାନର ପ୍ରଥମ ତିନୋଟି ଜମାଅତ୍ ଯେକି ଆର୍ଥିକ ସଂକଟ ତଥା ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବା ସତ୍ତ୍ୱେ ସ୍ଥାନୀୟ ମୁଦ୍ରାରେ ଅଲ୍ଲାଃତାଲାଙ୍କ କୃପାରୁ ସେମାନେ

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 24-AUGUST 2023 Issue No.-34

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଅନେକ ଅଭିବୃଦ୍ଧି କରିଛନ୍ତି । ପାଉଣ୍ଡ ତୁଳନାରେ ମଧ ପାକିସ୍ତାନୀୟ ମୁଦ୍ରାର ମୂଲ୍ୟ ମଧ ହ୍ରାସ ପାଇଛି ଏବଂ ଅନ୍ୟ ଅର୍ଥରେ କହିଲେ ସଂପୂର୍ଣ୍ଣ ରୂପେ ପାକିସ୍ତାନୀ ମୁଦ୍ରାର ମୂଲ୍ୟ ଶେଷ ହୋଇଯାଇଛି । ଏସବୁ ସତ୍ତ୍ୱେ ମଧ ସେମାନଙ୍କର ଆୟ ଓ ଆଦାୟ ବହୁତ ଭଲ ହୋଇଛି ।

ପାକିସ୍ତାନର ପ୍ରମୁଖ ଜମାଅତ୍‌ମାନେ ହେଲେ, ଲାହୋର୍, ରବ୍‌ୱା, କରାଚୀ। ପାକିସ୍ତାନର ଜିଲ୍ଲାମାନଙ୍କ ମଧ୍ୟରେ ଇସ୍‌ଲାମାବାଦ୍ ସର୍ବାଗ୍ରେ ରହିଛି, ପୁନଶ୍ଚ ସିଆଲ୍‌କୋଟ୍, ଫୈସ୍‌ଲାବାଦ୍, ଗୁଜୁରାଟ, ଗୁଜ୍‌ରାନାୱାଲା, ସର୍ଗୋଧା, ଉମର୍‌କୋଟ୍, ମୁଲ୍‌ତାନ୍, ମୀର୍‌ପୁର୍ ଖାସ୍, ଡେରାଗାଜି ଖାନ୍ ।

ଆଦାୟା ଦୃଷ୍ଟିରୁ ପାକିସ୍ତାନର ଦଶଟି ଜମାଅତ୍‌ମାନେ ହେଲେ, ଇସ୍‌ଲାମାବାଦ, ଡିଫେନ୍‌ସ୍ ଲାହୋର୍, ଟାଉନ୍ ଶିପ୍ ଲାହୋର୍, ଦାରୁଜ୍ ଜିକର୍ ଲାହୋର୍, ମଡ଼େଲ୍ ଟାଉନ୍ ଲହୋର୍, ଅଲ୍ଲାମା ଇକ୍‌ବାଲ୍ ଟାଉନ୍ ଲାହୋର୍, ରାୱଲ୍‌ପିଣ୍ଡି ସହର, ଅଜିଜାବାଦ୍ କରାଚୀ, ସମନାବାଦ୍ ଲାହୋର୍, ମୁଗଲ୍‌ପୁରା ଲାହୋର୍ ।

ଦଫ୍‌ତର୍ ଅତ୍‌ଫାଲ୍‌ର ତିନୋଟି ବଡ଼ ଜମାଅତ୍ ରହିଛନ୍ତି ତନ୍ମଧ୍ୟରେ ପ୍ରଥମ ଜମାଅତ୍ ହେଲା ଲାହୋର, ଦ୍ୱିତୀୟରେ, ରବ୍‌ୱା, ତୃତୀୟରେ କରାଚୀ । ଜିଲ୍ଲାମାନଙ୍କର ଅବସ୍ଥିତି ଦୃଷ୍ଟିରୁ ଦଫ୍‌ତର୍ ଅତ୍‌ଫାଲ୍‌ରେ ଇସ୍‌ଲାମାବାଦ୍ ପ୍ରଥମ ସ୍ଥାନରେ ରହିଛି, ଦ୍ୱିତୀୟରେ ସିଆଲ୍‌କୋଟ୍, ଫୈସ୍‌ଲାବାଦ୍, ସର୍ଗୋଧା, ଉମର୍‌କୋଟ୍, ମୀର୍‌ପୁର୍ ଖାସ୍, ନାରୋୱାଲ୍, ନନ୍‌କାନା ସାହେବ ଏବଂ ଝେଲମ୍, କ୍ୱେଟା ।

ଅସାଧାରଣ ଉଦ୍ୟମକାରୀ ଛୋଟ ଛୋଟ ଓ ବଡ଼ ସହରୀ ଜମାଅତ୍‌ମାନେ ମଧ ଅନ୍ତର୍ଭୁକ୍ତ ଅଟନ୍ତି ସେମାନେ ହେଲେ, ଗୁଜ୍‌ରାନାୱାଲା, ଗୁଲ୍‌ଶନ୍ ଜାମି କରାଚୀ, ସଦର୍ କରାଚୀ, ରାୱଲ୍‌ପିଣ୍ଡି କ୍ୟାଣ୍ଟ୍, ବୈତୁଲ୍ ଫଜଲ୍ ଫୈସ୍‌ଲାବାଦ୍, କରୀମ୍ ନଗର ଫୈସ୍‌ଲାବାଦ୍, ସିୟାଲକୋଟ୍ ସହର, ପେଶାୱର୍, ସର୍ଗୋଧା, ୱକାଡ଼ା ।

ଭାରତର ୧୦ଟି ପ୍ରଦେଶ ହେଲେ; କେରଳ, ତାମିଲନାଡୁ, କର୍ଣ୍ଣାଟକ, ଜାମ୍ମୁକାଶ୍ମୀର, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ ।

ଭାରତର ପ୍ରଥମ ଦଶଟି ସ୍ଥାନ ଅଧିକାର କରିଥିବା ଜମାଅତ୍‌ମାନେ ହେଲେ; କୋୟମ୍ବଟୁର୍, ହାଇଦ୍ରାବାଦ୍, କାଦିୟାନ୍, କେରୁଲାଇ, ପିଥା ପେରମ୍, ବାଙ୍ଗାଲୋର, ମେଲାପାଲାଏମ୍, କଲିକତା, କାଲିକଟ୍ ଓ **କେରଙ୍ଗ** ।

ଅଷ୍ଟ୍ରେଲିୟାର ଯେଉଁ ଦଶଟି ଜମାଅତ୍ ରହିଛିନ୍ତି ତନ୍ମଧ୍ୟରେ ପ୍ରମୁଖ ଜମାଅତ୍‌ମାନେ ହେଲେ, କାସିଲ୍ ହିଲ୍ (Castle Hill), ମେଲ୍‌ବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin), ମାର୍ସଡେନ୍ ପାର୍କ (Marsden Park), ଲୋଗାନ୍ ଇଷ୍ଟ୍ (Logan East), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ପେନ୍‌ରିଥ୍ (Penrith), ପର୍ଥ (Perth), ଏଡ଼ିଲେଡ୍ ସାଉଥ୍ (Adelaide South), ମେଲ୍‌ବର୍ଣ୍ଣ କ୍ଲାଏଟ୍(Melbourne Clait), ଏଡ଼ିଲେଡ୍ ୱେଷ୍ଟ୍ (Adelaide West) ।

ବରିଷ୍ଠ ଜମାଅତ୍‌ମାନେ ହେଲେ, କାସିଲ୍ ହିଲ୍ (Castle Hill), ମେଲ୍‌ବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin), ମାର୍ସଡେନ୍ ପାର୍କ (Marsden Park), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ଲୋଗାନ୍ ଇଷ୍ଟ୍ (Logan East), ପେନ୍‌ରିଥ୍ (Penrith), ପର୍ଥ (Perth), ଏଡ଼ିଲେଡ୍ ସାଉଥ୍ (Adelaide South), ଏଡ଼ିଲେଡ୍ ୱେଷ୍ଟ୍ (Adelaide West), ମେଲ୍‌ବର୍ଣ୍ଣ କ୍ଲାଏଟ୍(Melbourne Clait) ।

ଅତ୍‌ଫାଲ୍ (ଶିଶୁ) ଜମାଅତ୍‌ମାନଙ୍କର ମଧ୍ୟରେ ପ୍ରମୁଖ ଜମାଅତ୍‌ମାନେ ହେଲେ, ମେଲ୍‌ବର୍ଣ୍ଣ ଲଙ୍ଗ୍ ୱାରିନ୍ (Melbourne Langwarrin), ଲୋଗାନ୍ ଇଷ୍ଟ୍ (Logan East), ପେନ୍‌ରିଥ୍ (Penrith), ପର୍ଥ (Perth), କାସିଲ୍ ହିଲ୍ (Castle Hill), ମେଲ୍‌ବର୍ଣ୍ଣ କ୍ଲାଏଟ୍(Melbourne Clait), ଏଡ଼ିଲେଡ୍ ସାଉଥ୍ (Adelaide South), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ମାଉଣ୍ଟ ଡ୍ରୁଏଟ୍ (Mount Druitt), ମେଲ୍‌ବର୍ଣ୍ଣ ୱେଷ୍ଟ୍ (Melbourne West) ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ ଅଲ୍ଲାଃତାଲା ସମସ୍ତ ଅଂଶଗ୍ରହଣକାରୀଙ୍କ ଧନ ଜୀବନରେ ଅସାଧାରଣ କଲ୍ୟାଣ ଓ ଅଭିବୃଦ୍ଧି (ହେବା ନିମନ୍ତେ ସାମର୍ଥ୍ୟ) ପ୍ରଦାନ କରନ୍ତୁ । ଆମିନ୍ ।

☆ ☆ ☆

## ପୃ -2 ର ଅବଶିଷ୍ଟାଂଶ..........

ଉପସ୍ଥିତ ରହିଛି । ତା'କୁ ଯଦି ଏତିକି ସମୟ ପ୍ରାପ୍ତ ହେଉ ଯେ, ସେ ଯଦି ଚାହିଁବ ତେବେ ଦଶଥର ସ୍ନାନ କରି ପାରିବ । ସୁତରାଂ ଏପରି ମହିଳା ଉପରେ ଜଣେ ଦରିଦ୍ର ଓ ସାଧାରଣ ଶ୍ରେଣୀୟ ମହିଳା ଜନିତ ସମସ୍ୟା (ଅର୍ଥାତ ପ୍ରସଙ୍ଗ) କୁ ପ୍ରୟୋଗ କରି ଓ ତା' ଉପରେ ଜୋର ଜବର ଦସ୍ତ କରିବା ତଥା ବାଧ୍ୟ କରିବା ଯେ, ସେ ନିଜର ସ୍ୱଭାବ ଓ ଅବସ୍ଥା ବିପରୀତ କେବଳ ଜଳ ବୁନ୍ଦା ଛିଞ୍ଚି ପରିସ୍ରାକୁ ପବିତ୍ର କରିନେଉ । ଏହା ଅନ୍ୟାୟ ନୁହେଁ ତ' ଆଉ କ'ଣ ! ସେ ତ' ଏହା ମଧ ସହ୍ୟ କରିପାରିବ ନାହିଁ ଯେ, କେବଳ ପବିତ୍ର ଜଳର ଗୋଟିଏ ଛିଟା ହିଁ ତା'ର ବସ୍ତ୍ରକୁ ଭିଜାଇ ଦେଉ । ତେଣୁ କ'ଣ କାରଣ ରହିଛି ଯେ, ପ୍ରଥମେ ବସ୍ତ୍ର ଉପରେ ପରିସ୍ରା କରାଯାଉ ଓ ପୁନଶ୍ଚ ଯଦି ଗିଲାସେ ପାଣି ସେହି ବସ୍ତ୍ର ଉପରେ ପକାଯାଏ ଏବଂ ପୁନଶ୍ଚ ଯଦି ସେହି ମହିଳା ଜଣକ ବସ୍ତ୍ର ବଦଳି ଦିଏ ତେବେ କୁହାଯିବ ଯେ, ହେ ଅବିଶ୍ୱାସକାରୀ, ଅହଂକାରୀଣୀ ସାଆନ୍ତଙ୍କ ସୁପୁତ୍ରୀ ! ତୁ ଏଡ଼େ ଦୁଷ୍ଟ ଯେ, ତୁ ନର୍କ ଯୋଗ୍ୟ ମଧ ନାହୁଁ । ତୁ ହଦିସ୍ ଉପରେ କାହିଁକି କାର୍ଯ୍ୟାନୁସରଣ କଲୁ ନାହିଁ ଓ ସେ ଯଦି ଆଳ କରେ ଯେ, ମୋର ସ୍ୱାସ୍ଥ୍ୟାବସ୍ଥା ଏହା ଉଚିତ୍ ବୋଲି ମନେକରୁ ନାହିଁ ତେବେ ତା' ଉପରେ ତ' ଅବିଶ୍ୱାସକାରୀତାର ଧର୍ମାଜ୍ଞା ପ୍ରୟୋଗ କରି ତା'କୁ କହିଦିଆଯାଏ ଯେ, ତୁ ପୁରା ମୂର୍ଖ ମହିଳା ଅଟୁ । କାରଣ ତୁ ଆଁହଜରତ ସ.ଅଙ୍କ ଅପେକ୍ଷା ଅଧିକ ପବିତ୍ରତା ସଂପର୍କରେ ଚିନ୍ତିତ ଅଟୁ ତଥା ଚିନ୍ତାଧାରା ମନ ଭିତରେ ପୋଷଣ କରୁ । ପ୍ରକୃତ କଥା ଏହିକିଯେ, ଏହିପରି ସମସ୍ୟାର ଦୁଇଟି ସୀମା ହୋଇଥାଏ । ସର୍ବନିମ୍ନ ଏହି ସୀମା ଥିଲା ଯାହା ଗରିବ ଲୋକମାନଙ୍କ ପାଇଁ ଦୟା ସ୍ୱରୂପ ନିର୍ଦ୍ଧାରିତ କରି ଦିଆଯାଇଥିଲା । କାରଣ ସେମାନଙ୍କ ଉପରେ ଯେପରି କ୍ରୂରତା ନହେଉ ଓ ଅଧିକରୁ ଅଧିକ ଏହା ଯେ, ନିଜ ଚିନ୍ତାଧାରାର ଉତ୍ତମତା ଆର୍ଥିକ ପ୍ରଶସ୍ତତା ଓ ଅବସ୍ଥାନୁଯାୟୀ ମହିଳା ସର୍ବୋତ୍କୃଷ୍ଟ ସ୍ୱଚ୍ଛତାର ସ୍ତରକୁ ସ୍ଥାପିତ ଓ ଅବ୍ୟାହତ ରଖୁ । ଏହା ହିଁ ତା' ପକ୍ଷେ ଯଥେଷ୍ଟ ଅଟେ । ହଁ ଏକଥା ଆବଶ୍ୟକ ଯେ, ନା ଧନୀ ମହିଳା ଗରିବ ମହିଳା ଉପରେ ବ୍ୟଙ୍ଗ ବିଦ୍ରୂପ କରିପାରିବ । ସେ ଯଦି ଏହି ଆଦେଶ ଉପରେ କାର୍ଯ୍ୟାନୁସରଣ କରେ ତେବେ କୌଣସି ଗରିବ ମହିଳା କିମ୍ବା ମୌଲାନା କିଶ୍ଶୁଦ୍ଦୀନ୍ ସେହି ଧନୀ ମହିଳା ଉପରେ କ୍ଷୁବ୍ଧ ଭାବ ପ୍ରକାଶ କରିପାରିବେ ଯେ, ତୁ ସେହି ଆଦେଶ ଉପରେ କାହିଁକି କାର୍ଯ୍ୟାନୁସରଣ କଲୁ ନାହୁଁ ? ଦୁହିଁଙ୍କ ସୁବିଧା ନିମନ୍ତେ ଇସ୍‌ଲାମ୍ ଧର୍ମର ସଂସ୍ଥାପକ ମାର୍ଗ ଉନ୍ମୁକ୍ତ କରି ଦେଇଛନ୍ତି । ଯିଏ ଚାହିଁବ ନିଜର ଅବସ୍ଥାନୁକୁଳ ଓ ସାମର୍ଥ୍ୟାନୁଯାୟୀ ଏହା ଉପରେ କାର୍ଯ୍ୟାନୁସରଣ କରିପାରିବ ।

ବର୍ତ୍ତମାନ ଦ୍ୱିତୀୟ ସମସ୍ୟା ସଂପର୍କରେ ଶୁଣି ନିଅନ୍ତୁ । ଜଣେ ଧନାଢ୍ୟ ବ୍ୟକ୍ତିଙ୍କ ଘରେ କ୍ଷୀରରେ ମାର୍ଜାର (ବିଲେଇ) ମୁହଁ ମାରିଦେଲା । କୌଣସି ଏକ ଚାକର ପାଟି କଲା ଯେ, ବିଲେଇଟି କ୍ଷୀର ଅଇଁଠା କରିଦେଇଛି । ମୌଲବୀ ଜାହିରୁଦ୍ଦୀନ୍ ସାହେବ ମଧ ସେଇଠି ଉପସ୍ଥିତ ଥିଲେ । ସେ କହିବାକୁ ଲାଗିଲେ, କ୍ଷୀର ଫିଙ୍ଗନ୍ତୁ ନାହିଁ କ୍ଷୀର ପବିତ୍ର ଅଟେ, ପବିତ୍ର ଅଟେ, ପବିତ୍ର ଅଟେ । ହଦିସ୍‌ରେ ଏହି ପବିତ୍ର ଉପାଖ୍ୟାନଟି ବର୍ଣ୍ଣିତ ହୋଇଛି । ତେଣୁ କ୍ଷୀର ରହିବାକୁ ଦିଅ । ଘରର ଲୋକମାନେ କହିଲେ, ହଁ ପବିତ୍ର ତ' ଅଟେ କିନ୍ତୁ ଚାକରମାନଙ୍କୁ ସେହି ଅଇଁଠା କ୍ଷୀର ବାଣ୍ଟି ଦିଅନ୍ତୁ । ଏକଥା ଶୁଣି ମୌଲବୀ ସାହେବ ଚେହିଁକି ଉଠିଲେ ଯେ, ଏହା ତ' ହଦିସ୍ ବିରୁଦ୍ଧୀୟ ଅଟେ । ☆ ☆ ☆

**ନବୀ ସ.ଅଙ୍କ ବାଣୀ:-**

**"ଇକ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମନ୍ଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar